No......
Dt......
Bhubaneswar
REFERENCE LIBRARY

# ଉତ୍କଳ ପ୍ରସଙ୍ଗ



୧୫, ମଇ ୧୯୫୯

ବୈଶାଖ ୨୫ ଶ ଦିନ, ୧୮୮୧ ଶକାବ୍ଦ

ସମ୍ପାଦକ
ଶ୍ରୀ ସୁଧୀରଚନ୍ଦ୍ର ଘୋଷ

ସହଯୋଗୀ ସଂପାଦକ
ଶ୍ରୀ ରାମପ୍ରସାଦ ସିଂହ

ଟେଲିଗ୍ରାମ—ପବ୍ଲିସିଟି, ଭୁବନେଶ୍ୱର
ଟେଲିଫୋନ—୧୯ ଓ ୪୦ ଭୁବନେଶ୍ୱର

ଗୃହ (ଜନସମ୍ପର୍କ) ବିଭାଗ, ଓଡ଼ିଶା

ନୂଆ ରାଜଧାନୀ ଭୁବନେଶ୍ୱର

ପ୍ରତି ଖଣ୍ଡର ମୂଲ୍ୟ—୮ ନ. ପ.

ବାର୍ଷିକ ମୂଲ୍ୟ—ଦୁଇ ଟଙ୍କା

# ସୂଚୀପତ୍ର


୧ । କଳା ଓ ଶିଳ୍ପ ବିଦ୍ୟାଳୟ ଏବଂ ଏହାର ଉଦ୍ଦେଶ୍ୟ ... ... ୧

୨ । ଓଡ଼ିଶାରେ ଯୁବକଲ୍ୟାଣ ... ... ... ୭

୩ । ହୀରାକୁଦ ଅଞ୍ଚଳବାସୀଙ୍କ ନୂତନ ଜୀବନ ... ... ... ୧୦

୪ । ହୀରାକୁଦ ଅଞ୍ଚଳରେ କୃଷି ବ୍ୟବସ୍ଥାରେ ପରିବର୍ତ୍ତନ ... ... ୧୨

୫ । ଜନଗଣନା ପାଇଁ ଅଭ୍ୟାସ ... ... ... ୧୪

୬ । କୋଣାର୍କ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ... ... ... ୧୬

୭ । ଓଡ଼ିଶାରେ ବସ୍ତ୍ରପତ ... ... ... ୧୯

୮ । ଆମ ରାଜ୍ୟ ... ... ... ୨୩

୯ । ସମସ୍ତଙ୍କ ଜାଣିବା ପାଇଁ ... ... ... ୨୯



ମୁଦ୍ରାକର
ପଣ୍ଡିତ ଜନକୃଷ୍ଣପ୍ରସାଦ ପାଠକ
ରାଷ୍ଟ୍ରଭାଷା ସମବାୟ ପ୍ରେସ, କଟକ



# ଜାତୀୟ ସଂଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା!
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାହେ ତବ ଜୟଗାଥା ।
ଜନ-ଗଣ-ମଙ୍ଗଳ-ଦାୟକ ଜୟ ହେ!
ଭାରତ-ଭାଗ୍ୟ-ବିଧାତା!
ଜୟ ହେ, ଜୟ ହେ, ଜୟ ହେ,
ଜୟ ଜୟ ଜୟ ଜୟ ହେ!

# ସଞ୍ଚୟ ଯୋଜନା ସିକ୍ୟୁରିଟିରେ ଅର୍ଥ ସଞ୍ଚୟ

## ଓ

## ଜନଯୋଗ କରନ୍ତୁ

୧ । ବାରବର୍ଷିଆ ଜାତୀୟ ଯୋଜନା ସଞ୍ଚୟ ସାର୍ଟିଫିକେଟ—ବାର୍ଷିକ ସୁଧ ଶତକଡ଼ା ୭.୫୧ (ମାଚ୍ୟୁରିଟିରେ) ।

୨ । ଦଶବର୍ଷିଆ ଟ୍ରେଜରି ସେଭିଂସ୍ ଡିପୋଜିଟ୍—ବର୍ଷକୁ ସୁଧ ଶତକଡ଼ା ୪ (ବର୍ଷକୁ ବର୍ଷ ଦିଆଯିବ) ।

୩ । ପନରବର୍ଷିଆ ଆନୁଇଟି—ନିର୍ଦ୍ଦିଷ୍ଟ ମାସକୁ ମାସ ୧୫ ବର୍ଷପାଏଁ ଟଙ୍କା ପାଇଥିବେ । ବାର୍ଷିକ ଶତକଡ଼ା ୩½ ଚକ୍ରବୃଦ୍ଧି ହାରରେ ସୁଧ ।

୪ । ପୋଷ୍ଟ ଅଫିସ ସେଭିଂସ୍ ବ୍ୟାଙ୍କ ଡିପୋଜିଟ୍—ବାର୍ଷିକ ସୁଧ ଶତକଡ଼ା ୨½; ୨୫ ଟଙ୍କାଠାରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ, ଏବଂ ତଦୁର୍ଦ୍ଧ୍ୱ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ସୁଧ ଶତକଡ଼ା ୨ ଟଙ୍କା; କୌଣସି କ୍ଷେତ୍ରରେ ସୁଧ ଉପରେ ଆୟ-କର ଦେବାକୁ ପଡ଼ିବ ନାହିଁ ।

**ସ୍ମରଣ ରଖନ୍ତୁ :**

**ଆପଣ ଯେଉଁ ସଞ୍ଚୟ କରିବେ, ତାହା ଉପରେ ଆପଣଙ୍କ ନିଜସ୍ୱ ଓ ଆପଣଙ୍କ ସନ୍ତାନସନ୍ତତିଙ୍କ ସମୃଦ୍ଧି ନିର୍ଭର କରେ । ଆପଣାର ସଞ୍ଚୟକୁ ଜାତିଗଠନ କାର୍ଯ୍ୟରେ ନିୟୋଗ କରନ୍ତୁ ।**

**ବିଶେଷ ବିବରଣୀ ପାଇଁ—**

**ଦି ରିଜିଓନାଲ୍ ନ୍ୟାସନାଲ୍ ସେଭିଂସ୍ ଅଫିସର, ଓଡ଼ିଶା ସେକ୍ରେଟେରିଏଟ୍, କଟକ କିମ୍ବା ନିଜ ନିଜ ଜିଲ୍ଲାର ଡିଷ୍ଟ୍ରିକ୍ଟ ସେଭିଂସ୍ ଅର୍ଗାନାଇଜରଙ୍କ ନିକଟକୁ ଲେଖନ୍ତୁ ।**

# ଉତ୍କଳ ପ୍ରସଙ୍ଗ

ପଞ୍ଚଦଶ ଭାଗ—୧୦ମ ସଂଖ୍ୟା | ବୈଶାଖ ୨୫ ଦିନ, ୧୮୮୧ ଶକାବ୍ଦ | ୧୫, ମେ ୧୯୫୯

## କଳା ଓ ଶିଳ୍ପ ବିଦ୍ୟାଳୟ ଏବଂ ଏହାର ଉଦ୍ଦେଶ୍ୟ

**ଶ୍ରୀ ଏସ୍. ସ. ଦେବ**

ପ୍ରିନ୍ସିପାଲ, ଗଭର୍ଣ୍ଣମେଣ୍ଟ ସ୍କୁଲ ଅଫ୍ ଆର୍ଟସ ଆଣ୍ଡ କ୍ରାଫ୍ଟସ୍, ଓଡ଼ିଶା

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ଗୋଟିଏ କଳା ଓ ଶିଳ୍ପ ବିଦ୍ୟାଳୟ ସ୍ଥାପିତ ହୋଇଅଛି ।

ବେଦର କର୍ମକାଣ୍ଡ ଓ ଜ୍ଞାନକାଣ୍ଡ ପରି ଏହି ଅନୁଷ୍ଠାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଦୁଇ ଭାଗରେ ବିଭକ୍ତ । ସେହି ଦୁଇଟି ବିଭାଗ ହେଉଛି କଳା ସମ୍ପର୍କୀୟ—(୧) ପ୍ରତ୍ୟକ୍ଷ ଜ୍ଞାନ ଓ (୨) ପରୋକ୍ଷ ଜ୍ଞାନ । ବହିଦ୍ୱାରା ଜଣେ ଛାତ୍ର ହୁଏତ ପରୋକ୍ଷ ଜ୍ଞାନ ଲାଭ କରିପାରେ; କିନ୍ତୁ ସେହି ଜଣକ ଅନ୍ତତଃ ଏକପୁରୁଷ ପାଇଁ ସେ କୌଣସି ଦେଶର ଏକ ନୈତିକ ସମ୍ପଦ । ଯୁବକ ଯୁବତୀମାନେ ଚାକିରି ଉପରେ ନିର୍ଭର ନ କରି ସ୍ୱାଧୀନ ଭାବରେ ଜୀବିକା ନିର୍ବାହ କରିବା ନିମନ୍ତେ ସେମାନଙ୍କୁ ତାଲିମ ଦେବା ପ୍ରତ୍ୟକ୍ଷ ଜ୍ଞାନର ଉଦ୍ଦେଶ୍ୟ । ଆଜି ମଧ୍ୟ ଯଦି ସେମାନେ ସରକାରଙ୍କ ଅଧୀନରେ ଚାକିରି କରିବାକୁ ଚାହାନ୍ତି, ତେବେ ବି ସେମାନେ କାର୍ଯ୍ୟକ୍ଷେତ୍ରରେ ଭଲ କଳାବିତ୍ ବା କାରିଗର ବୋଲି ଜଣା ପଡ଼ିବେ । ବର୍ତ୍ତମାନ ସମୟରେ ରାଜ୍ୟ ସରକାର ଏହିଭଳି ପ୍ରାୟ ୬୦୦ ବୈଷୟିକ କର୍ମଚାରୀ ଦରକାର କରୁଛନ୍ତି । ୧୯୫୬-୫୭ରେ ଓଡ଼ିଶା "ଟେକ୍ନିକାଲ୍ ମ୍ୟାନ ପାୱାର କମିଟି"ଙ୍କ ରିପୋର୍ଟ ଅନୁଯାୟୀ ଏହି ଶିକ୍ଷା ବିଭାଗରେ ଏତିକି ଲୋକ ଦରକାର ହେବେ । ତେଣୁ ଏହିଭଳି ଏକ ବିଦ୍ୟାଳୟ ସ୍ଥାପିତ ନ ହେଲେ ଏତେ ବହୁସଂଖ୍ୟାରେ ଲୋକଙ୍କୁ ଓଡ଼ିଶା ବାହାରେ ତାଲିମ କରାଇବା ସମ୍ଭବ ହେବ ନାହିଁ । ଏହି ଅନୁଷ୍ଠାନର ଯେଉଁ ଛାତ୍ରମାନେ ଚାକିରି-ବାକିରି ନ କରି ଜୀବନଯାପନ କରିବାକୁ ଚାହିଁବେ,

## ବିଚ୍ଛିନ୍ନ ପ୍ରସଙ୍ଗ

ସେମାନେ ଏଠାରେ ବେତ, ଚମଡ଼ା ଦ୍ରବ୍ୟ, ଲୁଗା ଉପରେ ଛପା ଓ ବୁଣା କାମ ଏବଂ ଏହିଭଳି ଅନ୍ୟ ଦ୍ରବ୍ୟମାନ ନିଜ ଦୋକାନ ବା ବଜାରରେ ବିକ୍ରି ପାଇଁ ତିଆରି କରି ଶିଖିବେ ଓ ଶିକ୍ଷାଲବ୍ଧ ଜ୍ଞାନର ବିନିଯୋଗ କରି ସହଜରେ ଜୀବିକା ନିର୍ବାହ କରି ପାରିବେ । ସେମାନଙ୍କୁ ସୂକ୍ଷ୍ମକଳା ସମ୍ପର୍କରେ ଯେଉଁ ଜ୍ଞାନ ଦିଆଯାଉଅଛି, ତାହାଦ୍ୱାରା ସେମାନେ ପ୍ରତ୍ୟେକ ଦ୍ରବ୍ୟ ଉପରେ ବିଶିଷ୍ଟ ଓଡ଼ିଶୀ ଶୈଳୀର ନୂତନ ଓ ଅଧିକ ରୁଚିକର ପରିକଳ୍ପନାମାନ ଆଙ୍କି ପାରିବେ ଓ ତାହା ଫଳରେ ସାରା ରାଜ୍ୟର ସାଧାରଣ ସୌନ୍ଦର୍ଯ୍ୟ-ବୋଧ ଓ ରୁଚିର ଅଭିବୃଦ୍ଧି ଘଟାଇ ପାରିବେ । ଏହି ଅନୁଷ୍ଠାନର ବ୍ୟାବସାୟିକ କଳା ଓ ସୂକ୍ଷ୍ମକଳା ଶ୍ରେଣୀରେ ପଢ଼ୁଥିବା ଛାତ୍ରମାନେ ସେମାନଙ୍କ ଶିକ୍ଷା-କାଳରେ ମଧ୍ୟ ନାଗରିକମାନଙ୍କ ଘରକୁ ସୁନ୍ଦର ଚିତ୍ରରେ ମଣ୍ଡିତ କରିପାରିବେ ଓ ଲୋକେ ସମବେତ ହେଉଥିବା ସ୍ଥାନମାନ ସଜାଇ ପାରିବେ । ଏହି ଅନୁଷ୍ଠାନର ପ୍ରତ୍ୟକ୍ଷ ଜ୍ଞାନ ଓ ଉପଯୋଗିତା ମଧ୍ୟରୁ ଏ ଗୁଡ଼ିକ କେତୋଟି ମାତ୍ର । ଏ ଗୁଡ଼ିକ ମୁଖ୍ୟତଃ ଲୋକସଂଗ୍ରହ ଉଦ୍ଦେଶ୍ୟରେ କଳ୍ପିତ ।

"କୁର୍ଯାଦ୍‌ବିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହଂ ।"

ଏଠାରେ ପରୋକ୍ଷ ଜ୍ଞାନରୁ ଯେଉଁ ଉପକାର ମିଳିବାର ଲକ୍ଷ୍ୟ ରଖାଯାଇଛି, ତାକୁ ହୃଦୟଙ୍ଗମ କରିବାକୁ ହେଲେ ଜଣକୁ ଏକ ସମ୍ପୂର୍ଣ୍ଣ ଅଲଗା ଦୃଷ୍ଟି-କୋଣରୁ ବିଷୟଟିର ବିଚାର କରିବାକୁ ପଡ଼ିବ । ଏ ବିଷୟଟିକୁ ଟିକିଏ ବୁଝାଇ ଦେବା ଆବଶ୍ୟକ । ପରୋକ୍ଷାନୁଭୂତି ହେଉଛି ଜ୍ଞାନର ଏକ ଅବସ୍ଥା, ଯାହାକି ପ୍ରତ୍ୟକ୍ଷାନୁଭୂତିଠାରୁ ପୃଥକ୍ । ପ୍ରତ୍ୟକ୍ଷାନୁଭୂତି କର୍ମାନୁସାରିଣୀ, କମ୍ପନଶୀଳ, ସମ୍ପୂର୍ଣ୍ଣ ଭୌତିକ, କେବଳ ଆପେକ୍ଷିକ ତ୍ରୁଟିବିଶିଷ୍ଟ ଓ ଏଣୁ ଅଳ୍ପକାଳ ସ୍ଥାୟୀ । କିନ୍ତୁ ପରୋକ୍ଷ ବିଷୟ ବୃତ୍ତିର ବୌଦ୍ଧିକ, ଅବିଚଳିତ, ସ୍ଥାୟୀ ଏବଂ ଅପରୋକ୍ଷାନୁଭୂତି ବା ପ୍ରକୃତ ଜ୍ଞାନ ଲାଭର ଏକ ପନ୍ଥା ମାତ୍ର ;

"ପରୋକ୍ଷଂ ଶାସ୍ତ୍ରଜଂ ଜ୍ଞାନଂ ବିଜ୍ଞାନଂ ସ୍ୱସ୍ୱଦର୍ଶନଂ ।"

ଜୀବନର ଅନ୍ୟ କ୍ଷେତ୍ର ପରି କଳାର ମଧ୍ୟ ବୁଦ୍ଧିଗତ ବିକାଶଯୋଗୁଁ ଶାରୀରିକ ଶ୍ରମର ହ୍ରାସ ହୋଇଥାଏ । ଉଦାହରଣ ସ୍ୱରୂପ, କୌଶଳ ଜାଣି ନ ଥିବା ଶ୍ରମିକ ପ୍ରଚୁର ଶାରୀରିକ ଶ୍ରମ କରେ; କିନ୍ତୁ ବୁଦ୍ଧିସାପେକ୍ଷ କାର୍ଯ୍ୟ କରି ନ ଥାଏ । କିନ୍ତୁ ଜଣେ ଇଞ୍ଜିନିୟର ଲେଖାଲେଖି, ଅଙ୍କନ ଓ ଚିନ୍ତା କରିଥାଏ । ଇଞ୍ଜିନିୟରର କାମ ଶ୍ରମିକର କାମ ଅପେକ୍ଷା ଶାରୀରିକ ଶ୍ରମଦୃଷ୍ଟିରୁ କମ୍; କିନ୍ତୁ ମାନସିକ ଦୃଷ୍ଟିରୁ ବେଶି । ଇଞ୍ଜିନିୟରକୁ ନିଯୁକ୍ତ କରୁଥିବା ରାଜମନ୍ତ୍ରୀଙ୍କ ବା ଶାସକକୁ ଲେଖିବାକୁ ବି ପଡ଼ିବ ନାହିଁ । ସେ କେବଳ ଷ୍ଟେନୋଗ୍ରାଫରଙ୍କୁ ଶ୍ରୁତଲିଖନ ଦିଅନ୍ତି, ଅଥଚ ତାଙ୍କୁ ମତ ଉପରେ ଖୁବ୍ କଠିନ ଚିନ୍ତା କରିବାକୁ ହୋଇଥାଏ । ତାଙ୍କ ଉପରକୁ ଯେଉଁ ବ୍ୟକ୍ତି ମତ ନିର୍ଦ୍ଧାରଣ କରନ୍ତି, ସେ ଏପରିକି ବେଶି କଥାବାର୍ତ୍ତା ବି କରନ୍ତି ନାହିଁ; କିନ୍ତୁ ସର୍ବଦା ଆନନ୍ଦ, ଶାନ୍ତି, ପ୍ରତିଷ୍ଠା ଓ ଜ୍ଞାନ ରାଜ୍ୟରେ ବୁଡ଼ି ରହିଥାନ୍ତି । ଏହି ବ୍ୟକ୍ତିମାନେ ହିଁ କପିଳ, ପାତଞ୍ଜଳି, ଯାଜ୍ଞବଳ୍କ୍ୟ, ବୁଦ୍ଧ ଓ ଖ୍ରୀଷ୍ଟ ପ୍ରମୁଖଙ୍କ ପରି ମାନବ ଯେ କୌଣସି ସ୍ତରର ଶୀର୍ଷସ୍ଥାନରେ ଅବସ୍ଥାପିତ ହେଲେ ଏମାନେ ରାମଚନ୍ଦ୍ରଙ୍କ ନିକଟରେ ବଶିଷ୍ଠ, ଭାରତୀୟ ଜାତୀୟ କଂଗ୍ରେସ ନିକଟରେ ଗାନ୍ଧିଜୀ, ଆନନ୍ଦ କୁଟୀର ବନ ବିଶ୍ୱବିଦ୍ୟାଳୟରେ ଶିବାନନ୍ଦ, ଗ୍ରେଟ୍‌ବ୍ରିଟେନରେ ଆର୍ଚ ବିଶପ ଓ କ୍ୟାଥଲିକ ଜଗତରେ ପୋପ୍‌ଙ୍କ ପରି କାର୍ଯ୍ୟ କରିଥାନ୍ତି । ଏଥିପାଇଁ ଗୀତା କହୁଛନ୍ତି :

"ଯଥୈଧାଂସି ସମିଦ୍ଧୋଗ୍ନି ଭସ୍ମସାତ୍ କୁରୁତେର୍ଜୁନ
ଜ୍ଞାନାଗ୍ନି ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା"

ଏବଂ

"ଶ୍ରେୟାନ ଦ୍ରବ୍ୟ ମୟାଦ୍‌ଯଜ୍ଞାତ୍ ଜ୍ଞାନଯଜ୍ଞ ପରନ୍ତପ
ସର୍ବକର୍ମାଖିଳଂ ପାର୍ଥ ! ଜ୍ଞାନେ ପରିସମାପ୍ୟତେ"

ବାଇବଲ୍ ମଧ୍ୟ ଆମ୍ଭମାନଙ୍କୁ ସ୍ୱର୍ଗରାଜ୍ୟ ଅର୍ଥାତ "ଜ୍ଞାନ" ଅନ୍ୱେଷଣ କରିବାକୁ ନିର୍ଦ୍ଦେଶ ଦେଇଛି *। ଏହିପରି ଶୀର୍ଷସ୍ଥାନୀୟ ଲୋକେ ଜ୍ଞାନର ମର୍ମ ହୃଦୟଙ୍ଗମ କରି ଭାବବିହ୍ୱଳ ହୋଇ ପଡ଼ନ୍ତି ଏବଂ କୌଣସି ସୂକ୍ଷ୍ମକଳା ମାଧ୍ୟମରେ ଯୋଗ୍ୟ ଅନୁଗାମୀଦଳଙ୍କ ପାଇଁ ସେହି ଜ୍ଞାନ ପ୍ରକାଶ କରି ରଖିଯାଆନ୍ତି। ଏହି ଭାବେ ଭଗବାନ ଶିବ ଜଣେ ନର୍ତ୍ତକ, ଶ୍ରୀକୃଷ୍ଣ ନର୍ତ୍ତକ ଓ ଗାୟକ, ବ୍ରହ୍ମା ଜଣେ ଚିତ୍ରକର ଓ ସ୍ଥପତି, ବାଲ୍ମୀକି ଜଣେ କବି, ଶଙ୍କରାଚାର୍ଯ୍ୟ ଜଣେ ଲେଖକ ଇତ୍ୟାଦି ଇତ୍ୟାଦି। ଏହିଭଳି ଲୋକେ ବସ୍ତୁର ଭୌତିକ ବ୍ୟବହାର ଭୁଲିଯାଇ ପ୍ରକୃତ ଜ୍ଞାନର ଶାଶ୍ୱତ ସୌନ୍ଦର୍ଯ୍ୟରେ ବୁଡ଼ି ରହନ୍ତି।

"କ୍ଷୁଧାଂ ଦେହବ୍ୟଥାଂ ତ୍ୟକ୍ତ୍ୱା ବାଲଃ କ୍ରୀଡ଼ତି ବସ୍ତୁନି ତଥୈବ ବ୍ରହ୍ମଣି ଜ୍ଞାତେ ପୂର୍ଣ୍ଣାନନ୍ଦେ ମନୀଷିଣଃ।"

ଏହା ହିଁ ସୂକ୍ଷ୍ମକଳାର ଶିକ୍ଷା। ଏହାର ଅନୁଶୀଳନ ଫଳରେ ସାଧାରଣ ଲୋକ ବି କୌଣସି ଦ୍ରବ୍ୟର ଉପଯୋଗ ସଂକ୍ରାନ୍ତ ବାସ୍ତବ ବା ଭୌତିକ ମୂଲ୍ୟକୁ ତୁଚ୍ଛ ମନେ କରନ୍ତି ଏବଂ ସେଗୁଡ଼ିକର ବୁଦ୍ଧିଗତ ବା ଆଧ୍ୟାତ୍ମିକ ମୂଲ୍ୟର ଅନ୍ୱେଷଣ କରନ୍ତି। ଉଦାହରଣ ସ୍ୱରୂପ; ଯଦି ଜଣେ କଳାକାର ଗୋଟାଏ ଫଳ ଦେଖେ ତେବେ ସେ ତାକୁ ଖାଇବା ଅପେକ୍ଷା ଅଙ୍କନ ବା ଖୋଦନ ଉଦ୍ଦେଶ୍ୟରେ ତାହାର ସୌନ୍ଦର୍ଯ୍ୟ ଆବିଷ୍କାର କରିବା ପାଇଁ ଉଦ୍‌ଗ୍ରୀବ ହୋଇପଡ଼େ। ଏହି ପ୍ରକାରେ କଳାକାର ବା ଶିଳ୍ପୀର ଅନବରତ ସୌନ୍ଦର୍ଯ୍ୟ-ଅନ୍ୱେଷଣ ତାକୁ "ସୌନ୍ଦର୍ଯ୍ୟର ପ୍ରକୃତ ସୌନ୍ଦର୍ଯ୍ୟ" ଅନୁସନ୍ଧାନରେ ପ୍ରବୃତ୍ତ କରାଏ। ଏହା ଯେ କେବଳ ଦର୍ଶନର ଅନୁଭୂତି ତାହା ନୁହେଁ; ଏହା ମନୋବୃତ୍ତି ବା ଚେତନା ଶକ୍ତିର ଏକ ଅନୁଭୂତି ମାତ୍ର। କୁହାଯାଇଛି......

"ଶାଶ୍ୱତସ୍ୱରୂପ ସୌନ୍ଦର୍ଯ୍ୟ ତନ୍ତ୍ରବାଦନ ସୌଷ୍ଠବଂ ପ୍ରକାରଞ୍ଜନ ମାଙ୍ଗଂ ତନ୍ତ୍ର ସାମ୍ରାଜ୍ୟାୟ କଳ୍ପତେ।"

ସେହିପରି କଳାକାର ବା ଶିଳ୍ପୀ ମଧ୍ୟ ଯେତେବେଳେ ଚରମ ସୌନ୍ଦର୍ଯ୍ୟର ସନ୍ଧାନ ପାଏ, ସେତେବେଳେ ବସ୍ତୁର ଭୌତିକ ମୂଲ୍ୟକୁ ତୁଚ୍ଛ ବୋଧ କରି ଜ୍ଞାନ ଲାଭ କରେ। ତାହା ନିକଟରେ :

"ଜଗଚ୍ଚିତ୍ରଂ ସ୍ୱଚୈତନ୍ୟେ ପଟେ ଚିତ୍ରମିବାର୍ପିତଂ
ମାୟୟା ତଦୁପେକ୍ଷୈବ ଚୈତନ୍ୟଂ ପରିଶେଷ୍ୟତାଂ।"

ପ୍ରକୃତ ଜ୍ଞାନ ନିଶ୍ଚୟ ଧ୍ୟାନ ଦ୍ୱାରରେ ଲୋକକୁ ନେଇଯିବ। ଏଣୁ ଏହି ଜ୍ଞାନ ହିଁ କଳାଶିଳ୍ପୀକୁ ଧ୍ୟାନମାର୍ଗରେ ପ୍ରବୃତ୍ତ କରେ, "ଶ୍ରେୟୋହି ଜ୍ଞାନ ମଭ୍ୟାସାଜ୍ ଜ୍ଞାନାଦ୍ଧ୍ୟାନଂ ବିଶିଷ୍ୟତେ।" ତାହାପରେ ଶିଳ୍ପୀ ପରମ ଆଧ୍ୟାତ୍ମିକ ମନ୍ତ୍ରର ସତ୍ତ୍ୱ ଅନୁଭବ କରେ ଏବଂ ଜାଣିପାରେ :

"ଜାନାମି ଧର୍ମଂ ନ ଚ ମେ ପ୍ରବୃତ୍ତି
ଜାନାମ୍ୟଧର୍ମଂ ନ ଚ ମେ ନିବୃତ୍ତି
କେନାପି ଦେବେନ ହୃଦିସ୍ଥିତେନ
ଯଥା ନିଯୁକ୍ତୋଽସ୍ମି ତଥା କରୋମି।"

ତାହା ପରେ ସେହି ସୂତ୍ର ତାହାକୁ ଚରମ ସତ୍ୟ, ସୌନ୍ଦର୍ଯ୍ୟ ବା "ସଚ୍ଚିଦାନନ୍ଦ ସ୍ୱରୂପ"ଙ୍କ ପରମ ଆନନ୍ଦ ରାଜ୍ୟକୁ ନେଇଯିବ, ତାକୁ ହିଁ ସେ ପାଇବାକୁ ଚେଷ୍ଟା କରେ।

ତେଣୁ ବ୍ରହ୍ମସୂତ୍ରକାର କହନ୍ତି—"ଅଥାତୋ ବ୍ରହ୍ମଜିଜ୍ଞାସା ××× ଆନନ୍ଦମୟୋଽଭ୍ୟାସାତ୍ ××× ଅସ୍ମିନ୍ନସ୍ୟ ଚ ତଦ୍ୟୋଗଂ ଶାସ୍ତି" ଇତ୍ୟାଦି; ଏହା ହିଁ ହେଉଛି ସେହି ସ୍ଥାନ, ଯେଉଁଠାକୁ ସ୍ୱର୍ଗରୁ ଦେବତାମାନେ ଆତ୍ମପ୍ରକାଶ ପାଇଁ ଓହ୍ଲାଇ ଆସିଥାନ୍ତି ଏବଂ ଯେଉଁଠାରେ ସୂକ୍ଷ୍ମକଳା ଜଣକୁ ନମ୍ରରୁ ଊର୍ଦ୍ଧ୍ୱକୁ

* QUA-RITE ERGO PRINUM REGNUM DEI ET EUSTICIAM EJUS ET HAC OMNIA ADICIENTUR VOBIS.

ନେଇଯାଏ । ତୈତ୍ତିରୀୟ ବ୍ରାହ୍ମଣରେ ଲିଖିତ ଅଛି "ଓଁ ଶିଳ୍ପାନି ଶଂସନ୍ତି ଦେବ ଶିଳ୍ପାନି ଏତେଷାଂ ବୈ ଶିଳ୍ପାନା-ମନୁକୃତିହ, ଶିଳ୍ପଂ-ଅଧିଗମ୍ୟତେ, ଶିଳ୍ପଂ ହ୍ୟାସ୍ମିନ୍ ଅଧିଗମ୍ୟତେ ଯ ଏବଂ ବେଦ ଯଦେବ ଶିଳ୍ପାନି, ଆତ୍ମସଂସ୍କୃତିର୍ବାବଶିଳ୍ପାନି, ଛନ୍ଦୋମୟଂବା ଏତୈ ଯଜମାନ ଆତ୍ମାନ୍ ସଂସ୍କୁରୁତେ ।" ଏହି ପ୍ରକାରେ କଳାକ୍ଷେତ୍ରରେ ଦେବତାମାନେ ପ୍ରକୃତ କଳାଶିଳ୍ପୀ ହୋଇଥିବା ଲୋକମାନଙ୍କୁ ଭେଟନ୍ତି । ଏହି କଳା-ଶିଳ୍ପୀମାନେ ନିଜର କଳା-କାର୍ଯ୍ୟ ଦ୍ୱାରାରେ ନାମ ଯଶଃ ବା ଗୌରବ ପାଇବା ପାଇଁ ଇଚ୍ଛା ନ ରଖି କେବଳ ପ୍ରକୃତ ଜ୍ଞାନ ଲାଭ ଉଦ୍ଦେଶ୍ୟରେ କାମ କରିଥାନ୍ତି । ତେଣୁ ଏହି ଅନୁଷ୍ଠାନର ହଜାରକେ ଜଣେ ଯୁବ ଯଦି ଉକ୍ତ ଅବସ୍ଥାରେ ପହଞ୍ଚିପାରେ, ତେବେ ଗୋଟିଏ ପ୍ରକୃତ ପାଇଁ ଅନୁଷ୍ଠାନର ଲକ୍ଷ୍ୟ ସାଧିତ ହୋଇଛି ବୋଲି ବୁଝିବାକୁ ହେବ । ଏହାହିଁ ପରୋକ୍ଷ ଜ୍ଞାନ ଏବଂ ଲୋକଙ୍କୁ ଏହି ଜ୍ଞାନ ଲାଭର ସୁବିଧା କରିଦେବା ନିମନ୍ତେ ଏହି ଅନୁଷ୍ଠାନ ଚେଷ୍ଟା କରୁଅଛି । କାରଣ ପରୋକ୍ଷ ଜ୍ଞାନ ଯଦି ଆତ୍ମା ହୁଏ, ପ୍ରତ୍ୟକ୍ଷ ଜ୍ଞାନ ହେଉଛି ତାହାର ଶରୀର ଏବଂ ପରୋକ୍ଷ ଜ୍ଞାନ ଯଦି ଶରୀର ହୁଏ, ତେବେ ପ୍ରତ୍ୟକ୍ଷ ଜ୍ଞାନ ହେଉଛି ତାହାର ପୋଷାକ । ତେଣୁ ଆମେ ପ୍ରତ୍ୟକ୍ଷ ଜ୍ଞାନରେ ଖପି ଯାଇ ପରୋକ୍ଷ ଜ୍ଞାନକୁ ହରାଇବା ଉଚିତ ନୁହେଁ । ଯିଶୁଖ୍ରୀଷ୍ଟ ମଧ୍ୟ ଏହାହିଁ କହିଛନ୍ତି IDEO DICO VOBIS NE SOLICITI SITIS ANIMA VESTRA QUTD MANDUEETIS NEQUI CORPORI VESTROQUID INDUAMINI, NONNE ANIMA PLUS EST QUAMET CORPUS PIUS QUAM VESTIMENTUM"

ଲୋକଙ୍କ ସଂଗ୍ରହ କାର୍ଯ୍ୟ ଆବଶ୍ୟକ, କାରଣ "ଲୋକ ସଂଗ୍ରହ ମେବାପି ସଂପଶ୍ୟନ୍ କର୍ତ୍ତୁମର୍ହସି ।" ତା' ଛଡ଼ା ଯଦି ହଜାର ହଜାର ଲୋକ ଏଥିରେ ଯୋଗ ନଦେବେ ବା ଚେଷ୍ଟା ନ କରିବେ ତେବେ ହଜାରକରୁ ଜଣେ କାରିଗର ବା କୃତକାର୍ଯ୍ୟ ହେବ । ଏଠାରେ ପ୍ରଶ୍ନ ହୋଇପାରେ ଯେ କେବଳ ହଜାରକରୁ ଜଣେ ବଡ଼ଲୋକ ହେବାର ପାଇବା ଆଶାରେ ଲୋକସଂଗ୍ରହ ପାଇଁ ହଜାରେ ଲୋକଙ୍କୁ ଖଟାଇବା ଉଚିତ କି ? ଅଧିକ ବଡ଼ଲୋକ ତିଆରିବା ପାଇଁ ଅନ୍ୟ ପ୍ରଣାଳୀ କାହିଁକି ଉଦ୍ଭାବନ କରାଯାଉନାହିଁ ? ଏହାର ଉତ୍ତରରେ କେତେକ କଥାର ବିଚାର ଆବଶ୍ୟକ । ସବୁ ଲୋକଙ୍କର ବୁଦ୍ଧି ବା ମାନସିକ ଶକ୍ତି ସମାନ ନୁହେଁ । ସେମାନେ ମୁଖ୍ୟତଃ ଗୁଣ ଅନୁଯାୟୀ ଚାରି ଭାଗରେ ବିଭକ୍ତ । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି: "ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣ କର୍ମ ବିଭାଗଶଃ ।" ଏକ ଗୁଣ ବିଶିଷ୍ଟ ଗୋଟିଏ ଦଳ ବିଭିନ୍ନ ମନୋଭାବ ଓ ଜୀବନ ପ୍ରତି ବିଭିନ୍ନ ଆଭିମୁଖ୍ୟ ନେଇ କାର୍ଯ୍ୟ କରିଥାଏ । ପୁନଶ୍ଚ ଏହି ଗୁଣମାନ ତିନି ଭାଗରେ ବିଭକ୍ତ; ଯଥା—ସତ୍ତ୍ୱ, ରଜସ୍ ଓ ତମସ୍ ଏବଂ ସେଥିରୁ ଚାରିଟି ଶ୍ରେଣୀ ଉଦ୍ଭୂତ ଯଥା—(୧) ଅବିମିଶ୍ର ସତ୍ତ୍ୱଗୁଣ, (୨) ସତ୍ତ୍ୱ ଓ ରଜଃ ମିଶ୍ରିତ ଗୁଣ, (୩) ରଜଃ ଓ ତମଃ ମିଶ୍ରିତ ଗୁଣ ଓ (୪) ଅମିଶ୍ର ତମଃ ଗୁଣ । ସତ୍ତ୍ୱଗୁଣର ଲୋକମାନେ ନାମ, ଯଶଃ ବା ଧନ ପାଇଁ ଆଗ୍ରହୀ ନୁହନ୍ତି । ସେମାନେ ପ୍ରକୃତ ଜ୍ଞାନ ପାଇଁ କାର୍ଯ୍ୟ କରନ୍ତି ଏବଂ ସେଥିପାଇଁ ବନ୍ଧି ରହିଥାନ୍ତି; ଏକୁଟିଆ କାମ କରିବାକୁ ଭଲ ପାଆନ୍ତି । "ନିସ୍ତଂ ସଙ୍ଗ ରହିତଂ ଅରାଗ ଦ୍ୱେଷତଃ କୃତଂ, ଅଫଲ ପ୍ରେପ୍ସୁନା କର୍ମ ଯତ୍ତତ୍ ସାତ୍ତ୍ୱିକଂ ଉଚ୍ୟତେ ।" ରଜ ଓ ତମୋଗୁଣୀ ଲୋକ ନାମ, ଯଶଃ ଓ ଧନ ପାଇବା ପାଇଁ ଯେ କୌଣସି କଷ୍ଟ ସ୍ୱୀକାର କରନ୍ତି ଏବଂ ଅହଂକାର ସହ କାର୍ଯ୍ୟ କରନ୍ତି । "ଯତ୍ତୁ କାମେପ୍ସୁନା କର୍ମ ସାହଂକାରେଣ ବା ପୁନଃ, କ୍ରିୟତେ ବହୁଳାୟାସଂ ତଦ୍ରାଜସମୁଦାହୃତଂ ।"

ତେଣୁ ବୈଶ୍ୟ ଓ ଶୂଦ୍ର ଶ୍ରେଣୀ ଯୁବମାନେ କେବଳ କାରିଗର, ବ୍ୟାବସାୟିକ, କଳାକାର ଓ ସୂକ୍ଷ୍ମକଳାର କାରିଗର ହୋଇପାରନ୍ତି । ଲୋକସଂଗ୍ରହ ଉଦ୍ଦେଶ୍ୟରେ

# ଅଞ୍ଚଳ ପ୍ରସଙ୍ଗ

ଏମାନେ ଖୁବ୍ ଉପଯୋଗୀ । ନିଜ ଜୀବନରୁ ଉପକାର ପାଇବା ଉଦ୍ଦେଶ୍ୟରେ ସେମାନଙ୍କ ଜ୍ଞାନେନ୍ଦ୍ରିୟ ଓ କର୍ମେନ୍ଦ୍ରିୟକୁ ସଂଯତ ରଖିବା ପାଇଁ ସେମାନଙ୍କର ଯଥେଷ୍ଟ ତାଲିମ ଦରକାର । ଏଥିପାଇଁ ଶିଳ୍ପ ଓ କଳା ଅଭ୍ୟାସ କରିବା ଛଡ଼ା ଅନ୍ୟ କୌଣସି ଭଲ ବାଟ ନାହିଁ । ଥରେ ସେମାନେ ଇନ୍ଦ୍ରିୟ-ସଂଯମ କରିପାରିଲେ ସଂଯତମନା ହେବା ଯୋଗୁଁ ସାତ୍ତ୍ୱିକ ଗୁଣର ଅଧିକାରୀ ହୋଇପାରିବେ । କଠୋପନିଷଦ କହନ୍ତି :

"ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥମେବତୁ
ବୁଦ୍ଧିନ୍ତୁ ସାରଥିଂ ବିଦ୍ଧି ମନ ପ୍ରଗ୍ରହମେବଚ
ଇନ୍ଦ୍ରିୟାଣି ହୟାନାହୁର୍ବିଷୟାସ୍ତେଷୁ ଗୋଚରାନ୍
ଆତ୍ମେନ୍ଦ୍ରିୟ ମନୋଯୁକ୍ତଂ ଭୋକ୍ତେତ୍ୟାହୁର୍ମନୀଷିଣଃ ।"

ଆଉ ମଧ୍ୟ—

ଯସ୍ତୁ ବିଜ୍ଞାନବାନ୍ ଭବତ୍ୟଯୁକ୍ତେନ ମନସା ସଦା
ତସ୍ୟେନ୍ଦ୍ରିୟାଣ୍ୟବଶ୍ୟାନି ଦୁଷ୍ଟାଶ୍ୱାଇବ ସାରଥେ
ଯସ୍ତୁ ବିଜ୍ଞାନବାନ୍ ଭବତି ଯୁକ୍ତେନ ମନସା ସଦା
ତସ୍ୟେନ୍ଦ୍ରିୟାଣିବଶ୍ୟାନି ସଦଶ୍ୱାଇବସାରଥେ ।"

ଏହି ଉଦ୍ଦେଶ୍ୟରେ ଏଠାରେ ୭ଟି ଧନ୍ଦାଶ୍ରେଣୀ, ଦୁଇଟି ବ୍ୟାବସାୟିକ କଳା ଶ୍ରେଣୀ ଓ ୭ଟି ସୂକ୍ଷ୍ମକଳା ଶ୍ରେଣୀ ଖୋଲାଯାଇଛି ଏବଂ ନିକଟ ଭବିଷ୍ୟତରେ ଆଉ ୧୦ଟି ଧନ୍ଦା-ଶ୍ରେଣୀ ଖୋଲାଯିବାର କଳ୍ପନା କରାଯାଇଛି । ପ୍ରତ୍ୟକ୍ଷ ଓ ପରୋକ୍ଷ ଜ୍ଞାନର ଫଳ ପାଇବାକୁ ହେଲେ ନିଜେ ବଡ଼ ଓ ମଜବୁତ କୋଠାଘର ଥିବା ସଂପୂର୍ଣ୍ଣ ପ୍ରାକୃତିକ ପରିବେଷ୍ଟନୀ ଆବଶ୍ୟକ । ସୁଖର କଥା ଯେ ଆମର ରାଜ୍ୟ-ସରକାର ଏହା ସଂପୂର୍ଣ୍ଣ ଉପଲବ୍ଧି କରିପାରିଛନ୍ତି । ସେଥିପାଇଁ ଦୈନିକ ନୀରସ ନାଗରିକ ଜୀବନ, କାମୋଦ୍ଦୀପକ ସିନେମା ଗୃହର କଦର୍ଯ୍ୟ କୁରୁଚିପୂର୍ଣ୍ଣ ବାତାବରଣ, ନୈତିକତାଧ୍ୱଂସୀ ଓ ଉପନ୍ୟାସପୂର୍ଣ୍ଣ ପଠନାଗାର ଏବଂ ସ୍ୱାସ୍ଥ୍ୟନାଶକ ଭୋଜନାଳୟଠାରୁ ମୁକ୍ତ ଥିବା ଏକ ସ୍ଥାନରେ ଏହି ବିଦ୍ୟାଳୟଟିର ପ୍ରତିଷ୍ଠା କରାଯାଇଛି । ପର୍ବତବେଷ୍ଟିତ ଏକ ସୁଦୃଢ଼, ପ୍ରାଚୀନ ପ୍ରାସାଦରେ ଏହା ଅବସ୍ଥାପିତ । ପୂର୍ବେ ପର୍ବତ ଗହ୍ୱରରେ ଋଷିମାନେ ବସି ଯେପରି ହଜାର ହଜାର ମାଇଲ ଦୂରକୁ ନିଜର ପବିତ୍ରତା ଓ ନୈତିକତାର ପ୍ରଭାବ ପକାଇ ପାରୁଥିଲେ, ସେହିପରି ଏହି ଅନୁଷ୍ଠାନ ପ୍ରାକୃତିକ ଓ ପ୍ରକୃତ କଳା ଏବଂ ଶାନ୍ତିର ପ୍ରଭାବ ବିକୀରଣ କରିପାରିବ । କଳା ଓ ଧନ୍ଦା ଭଳି ସାଧନସାପେକ୍ଷ ଶିକ୍ଷାର ବିକାଶ ପକ୍ଷେ ଏହା ଏକ ଅତି ଆବଶ୍ୟକ ପୃଷ୍ଠଭୂମି । ଏଠାରେ କୁହାଯାଇ-ପାରେ ଯେ, ବିବିଧ ଜାତି ବାସକରୁଥିବା କୌଣସି ସହରରେ ଅବସ୍ଥାପିତ ନ ହେଲେ ଓ ଫଳତଃ ଛାତ୍ର-ମାନେ ବିବିଧ ଦ୍ରବ୍ୟ ଦେଖି ନ ପାରିଲେ ରଚନା ପାଇଁ ସେମାନେ ନୂଆ ଧାରଣା କେଉଁଠୁ ପାଇବେ । କିନ୍ତୁ ରଚନା ପାଇଁ ନୂତନ ଆଦର୍ଶ ଦରକାର, ନୂତନ ଧାରଣା ନୁହେଁ । ବହୁପ୍ରକାର ଦ୍ରବ୍ୟ ଅନବରତ ଦେଖିବା ଦ୍ୱାରା ମନ ସମାହିତ ଓ ଏକାଗ୍ର ହେବା ଦିଗରେ କୌଣସି ସାହାଯ୍ୟ ପାଏ ନାହିଁ—ଅଥଚ ଉପଯୁକ୍ତ ଆଦର୍ଶର ରଚନା ପାଇଁ ଏହା ନିତାନ୍ତ ଦରକାର । ଏଗୁଡ଼ିକ କେବଳ ମନକୁ ବେଶି ବେଶି ଭୌତିକ ଲାଭ ଓ ଶାରୀରିକ ବିଳାସ ଆଡ଼କୁ ଟାଣେ ଏବଂ ଜୀବନର ମୌଳିକ ଲକ୍ଷ୍ୟ ଭୁଲାଏ—"ବିଷୟାଭିମୁଖଂ ଦୃଷ୍ଟ୍ୱା ବିଦ୍ୱାଂସମପି ବସ୍ତୁତି, ବିକ୍ଷେପସୃତେ ଧୀଦୋଷେ-ର୍ଯୋଗାକାରମିବପ୍ରିୟମ ।" ପୁନଶ୍ଚ

"ଲକ୍ଷ୍ୟଚ୍ୟୁତଚେଦ୍ୟପି ଚିତ୍ତମିଷଦ-
ବହିର୍ମୁଖଂ ସନ୍ନିପତେତ୍ତତସ୍ତତଃ
ପ୍ରମାଦତଃ ପ୍ରଚ୍ୟୁତ କେଳି କନ୍ଦୁକ ସୋପାନ
ପଙ୍କ୍ତୌ ପତତୋ ଯଥା ତଥା ।"

ଜାଗାଟି ନିସ୍ତେଳା ହୋଇଥିବାରୁ ଶିଳ୍ପୀମାନେ ଆର୍ଥିକ ଲାଭର ଅବାଧ ଆକର୍ଷଣଠାରୁ ଦୂରରେ ରହନ୍ତି । ଉଦାହରଣ ସ୍ୱରୂପ, କଲିକତା ବା ବମ୍ବେରେ ଜଣେ ଶିଳ୍ପୀ ଯେପରି ଖଣ୍ଡେ ଦିଖଣ୍ଡ ଚିତ୍ର ବା କଳା-କାର୍ଯ୍ୟ ଗୋପନରେ ବିକ୍ରି କରିପାରେ, ଖଲ୍ଲିକୋଟଠାରେ

ସ୍କୁଲ୍‌ରେ ସେପରି କରିବାର ସୁବିଧା ନାହିଁ, କାରଣ ସେଠି ସେପରି ଗରାଖ ମିଳିବ ନାହିଁ । ତେଣୁ ସେଠାରେ ଶିଳ୍ପ ବଜାର ସୁବିଧା ଅନୁଯାୟୀ କାମ ନ କରି ବରଂ ପ୍ରକୃତ କାମରେ ମନୋନିବେଶ କରିଥାଏ । ଏହିସ୍ଥାନ "ଉତ୍କଳ-କମଳା-ବିଳାସ-ଦୀର୍ଘିକା ମରାଳ-ମାଳିନୀ ନୀଳାମ୍ବୁ ଚିଲିକା" ତଟରେ ଅବସ୍ଥିତ ହୋଇଥିବାରୁ ମନୋନିବେଶସାପେକ୍ଷ କାର୍ଯ୍ୟ ପାଇଁ ଆବଶ୍ୟକ ଶାନ୍ତି ଯୋଗାଇ ଦେବା ସଙ୍ଗେ ସଙ୍ଗେ ପ୍ରାକୃତିକ, ନିର୍ଦ୍ଦୋଷ ଓ ପବିତ୍ର ଦୃଶ୍ୟ ମଧ୍ୟରେ ସୌନ୍ଦର୍ଯ୍ୟର ଅନ୍ୱେଷଣ ପାଇଁ ଆଶ୍ଚର୍ଯ୍ୟଜନକ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ଯୋଗାଇଥାଏ ।

ଆମର ସରକାର ଏହି ପରୀକ୍ଷା ବିଭାଗକୁ ଜାଣିଥିଲେ ବି ଜନସାଧାରଣଙ୍କୁ ଏ କଥା ଜଣାଇଦେବା ତାଙ୍କ ପକ୍ଷେ ସହଜ ହେଉ ନାହିଁ, କାରଣ ସରକାର ଜାଣନ୍ତି ଯେ ଯେଉଁ ଜନସାଧାରଣଙ୍କଠାରୁ ସେମାନେ କ୍ଷମତା ପାଇଛନ୍ତି ସେମାନେ "ଗତାନୁଗତିକା ଲୋକାଃ ନ ଲୋକାଃ ପାରମାର୍ଥିକାଃ ।" ତେଣୁ "ନାଦ୍ରବ୍ୟେ ନିହିତା କାଚିତ୍ କ୍ରିୟା ଫଳବତୀ ଭବେତ୍ ।" ଆଜି ମଧ୍ୟ ଗୀତାର ମତାନୁସାରେ ପରୀକ୍ଷାନୁଭୂତିର ଏହି ବିଭାବ "ରହସ୍ୟ ହ୍ୟେତଦୁତ୍ତମମ୍" ଅଟେ । ତେଣୁ ସେମାନେ କେବଳ ଏହି ବିଦ୍ୟାଳୟର ପ୍ରତ୍ୟକ୍ଷାନୁଭୂତ ସମ୍ପର୍କରେ କହିବେ । ଏହି ଧରଣର ଉଚ୍ଚକୋଟୀର ଗୋଟିଏ ଶିକ୍ଷାନୁଷ୍ଠାନର ସୁପରିଚାଳନା ପାଇଁ ଅଖଣ୍ଡ କ୍ଷମତା-ବିଶିଷ୍ଟ ପରିଚାଳନା ଏକାନ୍ତ ଆବଶ୍ୟକ । କିନ୍ତୁ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ଗଣତନ୍ତ୍ର ଏହାର ଶାସନର ମୂଳଭିତ୍ତି । ରାଜ୍ୟ ସ୍ତରରେ ଏବଂ ବାସ୍ତବ କ୍ଷେତ୍ରରେ ଉକ୍ତ ପରିକଳ୍ପନାକୁ କାର୍ଯ୍ୟକାରୀ କରିବା ପକ୍ଷେ ଏହା ପ୍ରଧାନ ଅସୁବିଧା । ଏହି ଅନୁଷ୍ଠାନ ସମ୍ପର୍କରେ ଜ୍ଞାନାଭାବ ଅନ୍ୟ ଏକ ଅସୁବିଧା । ଲୋକେ ବିଦ୍ୟାଳୟ ଏବଂ ଏକ ଶିଳ୍ପ-ସ୍କୁଲ ବା କାରଖାନା ମଧ୍ୟରେ କି ପ୍ରଭେଦ ଅଛି, ବୁଝିପାରୁନାହାନ୍ତି । ଶିଳ୍ପ ସ୍କୁଲରେ ଲୋକଙ୍କ ସୁବିଧା ପୂରଣ ପାଇଁ ଶସ୍ତା ଦରରେ ଅନ୍ୟ ଦ୍ରବ୍ୟର ଅନୁକରଣରେ ଦ୍ରବ୍ୟମାନ ତିଆରି କରାଯାଏ । କିନ୍ତୁ ଏ ସ୍କୁଲ ସେପରି ସ୍କୁଲ ନୁହେଁ । କାରଖାନାରେ ଖୁବ୍ ଅଳ୍ପ ସମୟରେ ବେଶୀ ଲୋକ... ବହୁ ପରିମାଣରେ ଜିନିଷ ତିଆରି କରାଯାଏ—ଏ... ସେହିଭଳି କାରଖାନା ବି ନୁହେଁ । ମୌଳିକ ଆଦର୍ଶ ଶି... ପ୍ରସ୍ତୁତ କରିବା ଓ ପ୍ରକୃତ ସ୍ରଷ୍ଟାସୃ ଲକ୍ଷ୍ୟ ହ... ପାଇଁ କଳା ଜଗତରେ ନିର୍ମ୍ମଳ ମନୋଭାବ ସୃଷ୍ଟି କରି... ନିମନ୍ତେ ଏହା ଏକ ସାଂସ୍କୃତିକ ଅନୁଷ୍ଠାନ । "... ପରମପଦ ପ୍ରାପ୍ତିମିମଂ ସ୍ୱାକର୍ଷ୍ୟୋ ବିଦୁଃ"—କର୍ମ୍ମୀ... ମାନେ ଏହି ଲକ୍ଷ୍ୟ ଭୁଲିଯିବା ଅନୁଚିତ ।

ବର୍ତ୍ତମାନ ଏହି ଅନୁଷ୍ଠାନ ସମ୍ପର୍କରେ ଲୋକଙ୍କ... କିଛି ଧାରଣା ବା ଆକର୍ଷଣ ନାହିଁ । କିନ୍ତୁ ଆ... ୧୯୬୧ରେ ପ୍ରଥମ ଦଳ ଛାତ୍ର ଏଠାରୁ ଉତ୍ତୀର୍ଣ୍ଣ ହୋ... ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଲେ ହଜାର ହଜା... ସଂଖ୍ୟାରେ ଲୋକେ ଆସି ଏହି ଅନୁଷ୍ଠାନର ଯା... ସହଯୋଗ କରିବେ । ବର୍ତ୍ତମାନ କେବଳ ଯେତେ ସ... ଅସୁବିଧାର ସମ୍ମୁଖୀନ ହେବା ସତ୍ତ୍ୱେ ଏହି ଅନୁଷ୍ଠାନ... ସ୍କୁଲ୍ ରଖିବାକୁ ହେବ ଓ ଆମର ବର୍ତ୍ତମାନ ସରକା... ଏହି ଅସୁବିଧାର ସମ୍ମୁଖୀନ ହୋଇ ଉପଯୁକ୍ତ ହେବା... ସଂପୂର୍ଣ୍ଣ କ୍ଷମ ।

# ଓଡ଼ିଶାରେ ଯୁବକଲ୍ୟାଣ

ଶ୍ରୀ ବି. ଦାସ
ରାଜ୍ୟ ଯୁବକଲ୍ୟାଣ ବୋର୍ଡ଼ର ସେକ୍ରେଟେରୀ

ଆଜିକାଲି ପୃଥିବୀର ସବୁ ପ୍ରଗତିଶୀଳ ଦେଶରେ ଯୁବକଲ୍ୟାଣ ପ୍ରତି ସମ୍ୟକ୍ ଦୃଷ୍ଟି ଦିଆଯାଉଛି । ଆଧୁନିକ ଜୀବନର ଜଟିଳତା ଓ ବ୍ୟକ୍ତି ବା ସମଷ୍ଟିଗତ ଚିନ୍ତାଧାରା ଉପରେ ପଡ଼ୁଥିବା ପ୍ରଚଣ୍ଡ ଚାପ ଯୋଗୁଁ ଏପରି ହେବା ଅପରିହାର୍ଯ୍ୟ । ସମୃଦ୍ଧି ମଧ୍ୟରେ ନିଜର ସ୍ଥାନକୁ ଖୁଣ୍ଟାଇ ଦେବାଦ୍ୱାରା ହିଁ ଶାନ୍ତି ଓ ସନ୍ତୋଷ ମିଳିପାରେ । କିନ୍ତୁ ବର୍ତ୍ତମାନ ଯୁଗରେ ଏହା ସ୍ୱପ୍ନ ପ୍ରାୟ; ଏଣୁ ପ୍ରତ୍ୟେକ ବ୍ୟକ୍ତି ଆଜି ଅସୁବିଧା ଓ ଜଟିଳ ପରିସ୍ଥିତିର ଆବର୍ତ୍ତରେ ବୁଡ଼ିଯିବା ଭଳି ଅନୁଭବ କରୁଛି । ସେଥିଯୋଗୁଁ ଆଜି ଶିକ୍ଷା-ସମସ୍ୟା ଏକଦିଗାଭିମୁଖୀ ହୋଇ ନାହିଁ, କି ଶିକ୍ଷା ଆଉ କେବଳ ମନର ଖୋରାକ ଯୋଗାଉ ନାହିଁ । ବର୍ତ୍ତମାନ ଯୁବକ ଜୀବନର ସବୁ ଦିଗ ପ୍ରତି ନଜର ଦେଇ ତାକୁ ସମଷ୍ଟିର ସହିତ ଖାପ୍ ଖୁଆଇବା ଭଳି ଢାଞ୍ଚାରେ ଗଢ଼ିବା ଶିକ୍ଷାର ଉଦ୍ଦେଶ୍ୟ । ଅବଶ୍ୟ ଏ ଦିଗରେ କୌଣସିଠାରେ ଯେ ପୂର୍ଣ୍ଣ ସଫଳତା ହାସଲ କରାଯାଇ ପାରିଛି, ତାହା ନୁହେଁ; ତଥାପି ଏ ଦିଗରେ ଅନବରତ ଚେଷ୍ଟା ଚାଲିଛି । ଯଦି ପରିସ୍ଥିତିର ପ୍ରବଳ ପ୍ରତିବନ୍ଧକ ବିରୁଦ୍ଧରେ ଅବିରତ ସଂଗ୍ରାମ ଚଳାଇ ମନୁଷ୍ୟ ପ୍ରକୃତ ପ୍ରଗତି ହାସଲ କରିପାରେ, ତେବେ ପାଶ୍ଚାତ୍ତ୍ୟ ଦେଶମାନେ ଏ ବିଷୟ ହୃଦୟଙ୍ଗମ କରିଛନ୍ତି ବୋଲି କହିବାକୁ ହେବ ।

ଭାରତୀୟମାନଙ୍କୁ ବର୍ତ୍ତମାନ ମାନସିକ, ନୈତିକ ଓ ଭୌତିକ କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ମଧ୍ୟ ଦେଇ ଗତି କରିବାକୁ ହେଉଛି । ସ୍ୱାଧୀନତା ସଂଗ୍ରାମ ଓ ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ଦେଶରେ ଯେଉଁ ସାମାଜିକ-ଆର୍ଥନୀତିକ ବିପ୍ଳବ ଦେଖାଦେଇଛି, ତାହା ଫଳରେ ଗତାନୁଗତିକ ଜୀବନଧାରା ବାଧାପ୍ରାପ୍ତ ହେବା ନିଶ୍ଚିତ । ଆମ ଦେଶରେ ଯୁବସମାଜ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି, ସେଥିଯୋଗୁଁ ସେମାନଙ୍କ ଭିତରେ ବିଦ୍ରୁର-ବିଭ୍ରାଟ ଓ ବିଶୃଙ୍ଖଳା ଦେଖାଦେବା ଅଜବ ନୁହେଁ । କିନ୍ତୁ ବୈଷୟିକ ଦୃଷ୍ଟିରୁ ଆମ ଅପେକ୍ଷା ଉନ୍ନତତର ବା ଅନୁନ୍ନତ ଅନେକ ଦେଶ ତୁଳନାରେ ଆମର ସମସ୍ୟାମାନ ତେତେ ବିକଟ ନୁହେଁ । ଆମ ଦେଶରେ ଯୁବକମାନଙ୍କ ମଧ୍ୟରେ ଦେଖାଯାଉଥିବା ଉଚ୍ଛୃଙ୍ଖଳତା ଊଣାଅଧିକେ ସ୍କୁଲ, କଲେଜ ବା ସହର-କେନ୍ଦ୍ରମାନଙ୍କରେ ସୀମାବଦ୍ଧ । କିନ୍ତୁ କାଳକ୍ରମେ ସହରସଂଖ୍ୟା ବଢ଼ିଗଲେ ଏହି ବିପଦ କ୍ରମେ ଅନ୍ୟ ଅଞ୍ଚଳକୁ ବ୍ୟାପିଯିବ । ଏହାର ନିରାକରଣ ପାଇଁ କେନ୍ଦ୍ର ସରକାର ଶିକ୍ଷା ମନ୍ତ୍ରାଳୟ ଅଧୀନରେ ଯୁବକଲ୍ୟାଣ ଯୋଜନା କରାଇଛନ୍ତି ଏବଂ ସବୁ ରାଜ୍ୟରେ ଯୁବକଲ୍ୟାଣ ବୋର୍ଡ଼ ଗଢ଼ିବାକୁ ପରାମର୍ଶ ଦେଇଛନ୍ତି ।

ଏ କାମ ଜଟିଳ ହୋଇଥିବାରୁ ଅଳ୍ପ ସମୟରେ ଅଭିପ୍ରେତ ଫଳ ମିଳିପାରିବ ନାହିଁ । ଯୁବସମସ୍ୟା ସମ୍ପର୍କରେ ବିଶେଷଜ୍ଞମାନେ ସମୟେ ସମୟେ ଏ ଦେଶରେ ବା ଅନ୍ୟତ୍ର ଯେଉଁ ବିବରଣୀ ଦେଇଛନ୍ତି, ସେଥିରୁ ଜଣାପଡ଼େ ଯେ ଅସଂଯମ ଓ ବିଶୃଙ୍ଖଳାର ବହୁତ କାରଣ ଅଛି । ସବୁ ଶ୍ରେଣୀର ଯୁବକମାନଙ୍କ ପକ୍ଷେ କାରଣଗୁଡ଼ିକ ବି ସମାନ ନୁହେଁ । ଆମ ଦେଶରେ ସାମାଜିକ ଓ ଆର୍ଥନୀତିକ ଚାପ ଯୋଗୁଁ ଲୋକେ କ୍ରମେ କ୍ରମେ ନିଜର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବରୁ ବିଚ୍ଛିନ୍ନ ହୋଇ ପଡ଼ୁଛନ୍ତି । ତେଣୁ ଯୁବକମାନଙ୍କ ସମସ୍ୟା ପ୍ରତି କେବଳ ଥାଇଁ ଥାଇଁ ଦୃଷ୍ଟି ଦେବା

# ଉତ୍କଳ ପ୍ରସଙ୍ଗ

ଆବଶ୍ୟକ । କିନ୍ତୁ ଯଥେଷ୍ଟ ଆର୍ଥିକ ସମ୍ବଳ ଓ ସାରା ସମାଜର ସହଯୋଗ ଅଭାବରେ ଏଗୁଡ଼ିକର ସମାଧାନ ହୋଇପାରିବ ନାହିଁ । ଯୁବକମାନେ ସ୍ୱଭାବତଃ ଉଚ୍ଛୃଙ୍ଖଳ ଓ ଚଞ୍ଚଳ । ତେଣୁ ସେମାନଙ୍କ ଶକ୍ତି ଓ ସାମର୍ଥ୍ୟକୁ ବୁଦ୍ଧିର ସହ ଚଳାଇବାକୁ ପଡ଼ିବ । ବିଭିନ୍ନ ପ୍ରକାର ସାମାଜିକ, ଗଠନମୂଳକ ଓ ଆମୋଦପ୍ରମୋଦ-ଦାୟକ କାର୍ଯ୍ୟକ୍ରମ ଜରିଆରେ ଏହା କରିବାକୁ ହେବ ।

ଏହି ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ରାଜ୍ୟ ଯୁବକଲ୍ୟାଣ ବୋର୍ଡ଼ ବସାଇଛନ୍ତି । ଓଡ଼ିଶା ରାଜ୍ୟପାଳ ଏହାର ସଭାପତି ଏବଂ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଉପସଭାପତି ଅଛନ୍ତି । ଏହି ବୋର୍ଡ଼ରେ ସବୁ ପ୍ରକାର ରାଜନୀତିକ ମତବାଦୀଙ୍କୁ ନିଆଯାଇଛି । ବୋର୍ଡ଼ ଅଧୀନରେ ଛାତ୍ର ହୋଇ ନ ଥିବା ବ୍ୟକ୍ତି, ହାଇସ୍କୁଲ ଛାତ୍ର ଓ ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କ କଲ୍ୟାଣବିଧାନ ଉଦ୍ଦେଶ୍ୟରେ ଯଥାକ୍ରମେ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ ଓ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଅଧ୍ୟକ୍ଷତାରେ ୩ଟି କମିଟି ଗଢ଼ାଯାଇଛି । ଏହି ୩ଟି କମିଟିର କାର୍ଯ୍ୟାବଳୀ ମଧ୍ୟରେ ସମନ୍ୱୟ ଆଣିବା ବୋର୍ଡ଼ର କାର୍ଯ୍ୟ । ଏହାର କାର୍ଯ୍ୟାବଳୀ ମଧ୍ୟରେ ରାଜ୍ୟ ଯୁବଉତ୍ସବ, ଯୁବଛାତ୍ରାବାସ ଓ ଯୁବକେନ୍ଦ୍ର ସ୍ଥାପନ, ଭ୍ରମଣ ଓ ପର୍ଯ୍ୟଟନ ସଂଗଠନ, ଯୁବନେତୃତ୍ୱ ଶିବିର ପରିଚାଳନା ଏବଂ ରାଜ୍ୟ ଯୁବସମାଜର ନୈତିକ ଓ ଆଧ୍ୟାତ୍ମିକ କଲ୍ୟାଣ ସାଧନ ନିମନ୍ତେ ଏହିଭଳି ଅନ୍ୟାନ୍ୟ ସଂଗଠନ ପ୍ରଭୃତି ପ୍ରଧାନ । ପ୍ରତ୍ୟେକ କମିଟି ମଧ୍ୟ ଉଣାଅଧିକେ ଏହିଭଳି କାର୍ଯ୍ୟ କରନ୍ତି । ବୋର୍ଡ଼ରେ ରାଜ୍ୟର ଯୁବସମ୍ପ୍ରଦାୟ ପକ୍ଷରୁ ପ୍ରତିନିଧି ଥିବାରୁ ସେମାନେ କଲ୍ୟାଣମୂଳକ କାର୍ଯ୍ୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରନ୍ତି ।

୧୯୫୭ ମସିହାରେ ଭାରତର ଯେଉଁ କେତୋଟି ରାଜ୍ୟରେ ଉକ୍ତ ବୋର୍ଡ଼ ଓ କମିଟିମାନ ଗଢ଼ାଯାଇଥିଲା ସେଥି ମଧ୍ୟରେ ଓଡ଼ିଶା ଏକତମ । ବୋର୍ଡ଼ର କାର୍ଯ୍ୟ-ନିର୍ଦ୍ଦେଶ ମୁତାବକ ଯାହା ଖର୍ଚ୍ଚ ହେବ, ତାହାର ଅ... ରାଜ୍ୟ ସରକାର ଓ ଅପର ଭାଗ କେନ୍ଦ୍ର ସରକା... ଦେବେ । ଯୁବ-ନେତୃତ୍ୱ ଶିବିର ଓ ଯୁବ-ଉ... ପାଇଁ ଯାହା ଖର୍ଚ୍ଚ ହୁଏ, ତାହାକୁ ରାଜ୍ୟ ଓ କେ... ସରକାର ଉଭୟେ ମିଶି ତୁଲାନ୍ତି; କିନ୍ତୁ ଯୁବ-ଛାତ୍ରାବା... ଭ୍ରମଣ ଓ ପର୍ଯ୍ୟଟନ ପ୍ରଭୃତିର ଖର୍ଚ୍ଚ ରାଜ୍ୟ ସରକା... ବହନ କରନ୍ତି ।

୧୯୫୭ଠାରୁ ଏ ପର୍ଯ୍ୟନ୍ତ ଓଡ଼ିଶା ଯୁବ-କଲ୍ୟା... ବୋର୍ଡ଼ର ୬ଟି ବୈଠକ ହୋଇ କାର୍ଯ୍ୟକ୍ରମ ସ୍ଥି... କରାଯାଇଅଛି । ନୂଆ ରାଜଧାନୀଠାରେ ଗୋଟି... ଯୁବ-କଲ୍ୟାଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ସିଦ୍ଧାନ୍ତ କ... ଯାଇଛି । ଏହି କେନ୍ଦ୍ରରେ ବୋର୍ଡ଼ର ଅଫିସ ... ଯୁବକମାନଙ୍କ ସମ୍ମିଳନ ପାଇଁ ଘରମାନ ରହିବ... ଏଠାରେ ବଡ଼ ଧାଉଡ଼ି ଘର ବା ଡର୍ମିଟୋରି, ପାଠାଗା... ପୁସ୍ତକାଗାର ଏବଂ ଖୋଲା ପଡ଼ିଆରେ ଓ ଘରଭିତ... କ୍ରୀଡ଼ାକୌତୁକର ବ୍ୟବସ୍ଥା ରହିବ । ଏଥିପା... ବର୍ତ୍ତମାନ ଖଣ୍ଡିଏ ଜମି ପାଇବାର ବ୍ୟବସ୍ଥା କ... ଯାଉଛି । ଆଉ ମଧ୍ୟ ଦୃଶ୍ୟବହୁଳ ଓ ଐତିହାସି... ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଯୁବ-ଛାତ୍ରାବାସ ନି... ପାଇଁ ସିଦ୍ଧାନ୍ତ କରାଯାଇଛି । ଏଥିପାଇଁ ପ୍ରଥମେ ଶ୍ରୀକ୍ଷେତ୍ର, ନୂଆ ରାଜଧାନୀ ଓ ଗୋପାଳପୁରକୁ ବ... ଯାଇଛି ଓ ଆବଶ୍ୟକ ଖର୍ଚ୍ଚ ସକାଶେ ଗ୍ରାଣ୍ଟ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ଯେଉଁ ସବୁ ସ୍ଥାନରେ ଛାତ୍ରମାନଙ୍କ ରହିବା ପାଇଁ ... ମିଳୁନାହିଁ, ସେଠାରେ ସାଧାରଣ ଛାତ୍ରାବାସ ... କରିବା ବା ତିଆରି ପାଇଁ ସାହାଯ୍ୟ ଦେବାର ... ସିଦ୍ଧାନ୍ତ ଗ୍ରହଣ କରାଯାଇ ଗ୍ରାଣ୍ଟ ଦେବା ନିମନ୍ତେ କେ... ସରକାରଙ୍କୁ ଅନୁରୋଧ କରାଯାଇଛି ।


ଏ ବର୍ଷ ବିଶ୍ୱବିଦ୍ୟାଳୟ କମିଟି ଏକ ଆନ୍ତଃ କଲେଜ ଯୁବ-ଉତ୍ସବ ପରିଚାଳନା କରିଛନ୍ତି ଏ... ଭବିଷ୍ୟତରେ ଏ ଭଳି ଅନ୍ୟାନ୍ୟ କାର୍ଯ୍ୟକ୍... ଚଳାଇବେ । ସ୍କୁଲ କମିଟି ସ୍କୁଲମାନଙ୍କରେ




ମୁଖ୍ୟମନ୍ତ୍ରୀ ଫୁଲବାଣୀ ଜିଲ୍ଲାର ବାଲିଗୁଡ଼ାଠାରେ ସମବାୟ ବିଭାଗ ପକ୍ଷରୁ
ଅନୁଷ୍ଠିତ ପ୍ରଦର୍ଶନୀ ଉଦ୍‌ଘାଟନ କରିବା ପାଇଁ ଯାଉଅଛନ୍ତି



ମୁଖ୍ୟମନ୍ତ୍ରୀ ବାଲିଗୁଡ଼ାଠାରେ ସମବାୟ ବିଭାଗ ପକ୍ଷରୁ ଅନୁଷ୍ଠିତ
ପ୍ରଦର୍ଶନୀ ଉଦ୍‌ଘାଟନ କରୁଛନ୍ତି



କଟକରେ ଫୁଲବାଣୀ କଲୋନୀ ବାଲିସୁଡ଼ାଠାରେ ପ୍ରଦର୍ଶନୀ ଉଦ୍‌ଘାଟନ କରିସାରିବା ପରେ ସମବେତ ଜନତାଙ୍କୁ ମୁଖ୍ୟମନ୍ତ୍ରୀ ଡଃ ମହତାବ ଉଦ୍‌ବୋଧନ ଦେଉଛନ୍ତି

କେନ୍ଦ୍ର ପ୍ରତିଷ୍ଠା କରିବା ଓ ପୁରସ୍କାର ଦେବାକୁ ସ୍ଥିର କରିଛନ୍ତି । ଯେଉଁ ଅଞ୍ଚଳରେ ପ୍ରାଥମିକ ବିଦ୍ୟାଳୟ ନାହିଁ, ସେଥିରୁ କେତେକ ବଛା ବଛା ଅଞ୍ଚଳରେ ଯୁବ-ଶିବିର ଉଦ୍‌ଘାଟନ କରିବାଦ୍ୱାରା ସାମାଜିକ କାର୍ଯ୍ୟ କରାଯିବ । ଶିବିରର ସଭ୍ୟମାନେ ପ୍ରାଥମିକ ସ୍କୁଲଘର ତିଆରିରେ ସାହାଯ୍ୟ କରି ଶିକ୍ଷା ବିସ୍ତାରରେ ସହାୟକ ହେବେ । ଛାତ୍ରୀମାନଙ୍କୁ ସିଲେଇକଳ ଯୋଗାଇ ଦିଆଯିବ । ସେମାନେ ଏଥିରେ ପୋଷାକପତ୍ର ତିଆରି କରିବେ । ଏହି ସବୁ ପୋଷାକ ଶସ୍ତା ଦରରେ ସ୍କୁଲ-ମାନଙ୍କୁ ଯୋଗାଇ ଦିଆଯିବ । ଏହାଛଡ଼ା ରାଜ୍ୟର ବିଭିନ୍ନ ଅଞ୍ଚଳର ଛାତ୍ରମାନଙ୍କ ମିଳାମିଶାର ସୁବିଧା ପାଇଁ ପରିଭ୍ରମଣ ଓ ପର୍ଯ୍ୟଟନର ବ୍ୟବସ୍ଥା କରାଯିବ । ଏହା ଫଳରେ ଛାତ୍ରମାନେ ରାଜ୍ୟର ବିଭିନ୍ନ ଅଞ୍ଚଳ ସହିତ ପରିଚିତ ହେବେ । ଛାତ୍ର ହୋଇ ନ ଥିବା ବ୍ୟକ୍ତିମାନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ କମିଟି ଅଳ୍ପ କେତେ ଦିନ ପୂର୍ବେ ଗଢ଼ା ହୋଇଛି । ଏହି କମିଟିର କାର୍ଯ୍ୟ-ତାଲିକା ପ୍ରସ୍ତୁତ ହୋଇ ନ ଥିଲେ ବି, ଏଥିରେ ବିଭିନ୍ନ ପ୍ରକାରର କାର୍ଯ୍ୟାବଳୀ ସ୍ଥାନ ପାଇବ; ଯଥା— ଯୁବ-ଉତ୍ସବ ଓ ଯୁବନେତୃତ୍ୱ ଶିବିର ପରିଚାଳନ, ସହର ଓ ମଫସଲରେ ଯୁବ କ୍ଲବ୍, ଗୋଷ୍ଠୀ କେନ୍ଦ୍ର ଓ ଆଖଡ଼ା ପରିଚାଳନା, ଯୁବ-ଶ୍ରମଶିବିର ସଂଗଠନ, ଅବସର ସମୟରେ ଧନ୍ଦାରେ ତାଲିମ୍ ପାଇବା ବ୍ୟବସ୍ଥା; ତରୁଣ କୃଷକ କ୍ଲବ୍ ପ୍ରତିଷ୍ଠା ଓ ଅନ୍ୟାନ୍ୟ କାରିଗରମାନଙ୍କ କ୍ଲବ୍ ପ୍ରତିଷ୍ଠା ।

ଏହି ସବୁ କାର୍ଯ୍ୟକ୍ରମଦ୍ୱାରା ଆମ ଦେଶର ଯୁବକମାନଙ୍କ ଶାରୀରିକ ଓ ମାନସିକ ଜୀବନଧାରା ମଧ୍ୟରେ ସମନ୍ୱୟ ଆଣି ସେମାନଙ୍କ ମଧ୍ୟରେ ସମ୍ମିଳିତ ଓ ସୁସ୍ଥ ବ୍ୟକ୍ତିତ୍ୱର ବିକାଶ କରାଇବା ପ୍ରତି ଲକ୍ଷ୍ୟ ରଖାଯାଇଛି । ଆମ ଦେଶରେ ଅନେକ ସମୟରେ ଗୋଟାଏ ଅଭିଯୋଗ ଶୁଣିବାକୁ ମିଳିଥାଏ ଯେ ଯୁବକମାନଙ୍କୁ କୌଣସି ଦାୟିତ୍ୱ ଦିଆଯାଉ ନାହିଁ କିମ୍ବା ସେମାନଙ୍କର ତତ୍ତ୍ୱ ନିଆଯାଉ ନାହିଁ । ବସ୍ତୁତଃ ଏଭଳି ଦାୟିତ୍ୱବୋଧ ନ ରହିଲେ ଯୁବକମାନେ ଲକ୍ଷ୍ୟହୀନ ହୋଇ ପଡ଼ିବେ ଓ ସେମାନଙ୍କ ଶକ୍ତିର ଅପଚୟ ଘଟିବ । ଏହାଠାରୁ ବଳି ଶୋଚନୀୟ ବିଷୟ ଆଉ ନାହିଁ । ଆମେ ବର୍ତ୍ତମାନ ଏକ ଘଡ଼ିସନ୍ଧି ସମୟ ଦେଇ ଗତି କରୁଥାଉଁ । ତେଣୁ କେତେ କାଳ ପର୍ଯ୍ୟନ୍ତ ଆମର ସାମାଜିକ ଓ ରାଜନୈତିକ ଅବସ୍ଥା ଅସ୍ଥିର ରହିବା ସମ୍ଭବ ଓ ସେଥିପାଇଁ ଯୁବକମାନଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଓ ଉପଦେଶ ଦେବାକୁ ପଡ଼ିବ । ଯଦି ସେମାନଙ୍କୁ ଉପଯୁକ୍ତ ଭାବରେ ସଂଗଠିତ କରି ନ ଯାଏ, ତେବେ ବିପଦ ସମୟରେ ଦେଶ ସେମାନଙ୍କ ଉପରେ ନିର୍ଭର କରି ଚଳିପାରିବ ନାହିଁ । ଇଉରୋପ ଓ ରୁଷିଆରେ ଯୁବ-କଲ୍ୟାଣ ପ୍ରତି ଯଥେଷ୍ଟ ଦୃଷ୍ଟି ଦିଆଯାଇ ଥାଏ । ଏହି ଜାତିମାନେ ଆଜି ଯେଉଁ ପ୍ରଗତି ହାସଲ କରିଛନ୍ତି, ତାହା ଅନେକାଂଶରେ ଏହି ଯୁବ-କଲ୍ୟାଣ କାର୍ଯ୍ୟକ୍ରମର ଫଳ । ଆମର ଆଶା କରିବାର କଥା ଯେ ଭବିଷ୍ୟତରେ ଯୁବ-କଲ୍ୟାଣ କାର୍ଯ୍ୟକ୍ରମ ଆମର ଜାତୀୟ ଯୋଜନାରେ ଏକ ସୁଦୃଢ଼ ଓ ସ୍ଥାୟୀ ଅଙ୍ଗ ହୋଇ ରହିବ ।

# ହୀରାକୁଦ ଅଞ୍ଚଳବାସୀଙ୍କ ନୂତନ ଜୀବନ

ହୀରାକୁଦ ବନ୍ଧ ଯୋଜନାରୁ କେତେଗୁଡ଼ିଏ ପ୍ରତ୍ୟକ୍ଷ ଉପକାର ମିଳୁଛି । ପ୍ରଥମତଃ ମହାନଦୀର ସର୍ବଗ୍ରାସୀ ବନ୍ୟାକବଳରୁ ଏହା ଓଡ଼ିଶାର ସୁବିସ୍ତୃତ ଅଞ୍ଚଳକୁ ରକ୍ଷା କରୁଛି; ଦ୍ୱିତୀୟତଃ ଏହା ସାହାଯ୍ୟରେ ୭ଲକ୍ଷ ୭୨ ହଜାର ଏକର ଜମିକୁ ପାଣି ଯୋଗାଇ ଦିଆଯାଉଛି ଏବଂ ତୃତୀୟତଃ ୧ ଲକ୍ଷ ୨୩ ହଜାର କିଲୋୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହେଉଛି । ଏହି ଯୋଜନାର ପ୍ରଥମ ପର୍ଯ୍ୟାୟର କାମ ୧୯୫୮ରେ ସମ୍ପୂର୍ଣ୍ଣ ହେଲା । ଦ୍ୱିତୀୟ ପର୍ଯ୍ୟାୟରେ ମହାନଦୀ ତ୍ରିକୋଣଭୂମି ପରିକଳ୍ପନା ଅନୁଯାୟୀ ଆଉ ୧୮ ଲକ୍ଷ ଏକର ଜମିରେ ପାଣି ମାଡ଼ିବ ଓ ୧୯୬୧ ସୁଦ୍ଧା ଅତିରିକ୍ତ ମୋଟେ ୧ ଲକ୍ଷ ୯ ହଜାର କିଲୋୱାଟ୍ ବିଦ୍ୟୁତ୍‌ଶକ୍ତି ଉତ୍ପାଦନକ୍ଷମ ଆଉ ଗୁଡ଼ିଏ ଇଉନିଟ୍ ନିର୍ମିତ ହେବ । ଏହାଛଡ଼ା ଯେଉଁମାନେ ଆଗେ ବୁଡ଼ି-ଅଞ୍ଚଳରେ ବାସ କରୁଥିଲେ, ସେମାନେ ଏକ ସୁପରିକଳ୍ପିତ ଓ ଅଧିକ ପରିଷ୍କୃତ ଗ୍ରାମମାନଙ୍କରେ ବାସ କରିବେ ।

ଚିତ୍ରୋପମ ବନ୍ୟ ପର୍ବତଶ୍ରେଣୀର ପାଦଦେଶରେ ଓଡ଼ିଶାର କ୍ଷୁଦ୍ର ଅଥଚ ସୁପରିକଳ୍ପିତ ରମୈଲ୍ ଗ୍ରାମଟି ଅବସ୍ଥିତ । ଅଢ଼େଇଶହ ପରିବାରଙ୍କୁ କୋଳରେ ଧରି ପ୍ରାୟ ୧୨,୫୦ ଲୋକସଂଖ୍ୟାବିଶିଷ୍ଟ ଏହି ପରିଷ୍କୃତ ଗ୍ରାମଟି ୨୯୦ ବର୍ଗମାଇଲ ପରିମିତ ମାନବକୃତ ହୀରାକୁଦ ଜଳଭଣ୍ଡାରର ତୀରବର୍ତ୍ତୀ ଅସଂଖ୍ୟ ଗ୍ରାମ ମଧ୍ୟରେ ଅନ୍ୟତମ ।

ପୁରାତନ ରମୈଲ୍ ଆଜି ଆଉ ନାହିଁ । ହୀରାକୁଦ-ଠାରେ ବନ୍ଧିତ ମହାନଦୀର ଜଳରାଶିର ଅତଳ ଗର୍ଭରେ ସେହି ମଳିନ ଓ ଧୂଳିଧୂସରିତ ରମୈଲ୍ ଗ୍ରାମ ବୁଡ଼ି ବର୍ଷ ତଳେ ଚିରଦିନ ପାଇଁ ସଲିଳ-ସମାଧି ନେଇଛି । କିନ୍ତୁ ତାର ଆତ୍ମା ଆଜି ପୁନର୍ଜନ୍ମ ଗ୍ରହଣ କରିଛି ନୂତନ ରମୈଲ୍ ରୂପରେ । ପୂର୍ବର ରୂପ ସହିତ ଏହାର କୌଣସି ସାଦୃଶ୍ୟ ନାହିଁ—ଏକ ନୂତନ ମୂର୍ତ୍ତି ଧରି ଏହା ଉଜ୍ଜ୍ୱଳ ଓ ସୁନ୍ଦର ।

ବଡ଼ ହୁଅନ୍ତୁ, ସାନ ହୁଅନ୍ତୁ, ରମୈଲର ସେହି ପୁରାତନ ଅଧିବାସୀମାନେ ଆଜି ଅଛନ୍ତି; କିନ୍ତୁ ସେମାନଙ୍କ ପରିବେଶ ସଂପୂର୍ଣ୍ଣ ବଦଳି ଯାଇଛି ।

## ଉଦ୍ୟାନ-ପରିବେଷ୍ଟିତ ବାସଗୃହ

ନୂତନ ରମୈଲର ଅଧିବାସୀମାନେ ହେଉଛନ୍ତି କାରିଗର ଶ୍ରେଣୀର । ପିତ୍ତଳ ଓ ତମ୍ବାରେ କାରୁକାର୍ଯ୍ୟ-ମଣ୍ଡିତ ନାନାଦ୍ରବ୍ୟ ପ୍ରସ୍ତୁତ କରିବା ହେଉଛି ସେମାନଙ୍କର କାମ । ଆଗର ରମୈଲରେ ବାସ କରିଥିବା ଅଳ୍ପ କେତେକ ସୁନାରି ବଣିଆ ମଧ୍ୟ ବର୍ତ୍ତମାନ ଏଠାରେ ଅଛନ୍ତି । କୃଷୀ ଓ ଧୀବର କୁଳର ଲୋକ ମଧ୍ୟ ଏଠାରେ ଅଛନ୍ତି । କିନ୍ତୁ ଶିଳ୍ପ-କୁଶଳ ବୃତ୍ତିରେ ରମୈଲର ପୂର୍ବ ଗୌରବ ଆଜି ସୁଦ୍ଧା ଅକ୍ଷୁର୍ଣ୍ଣ ରହିଛି ।

ଏହି ଗ୍ରାମର ଅଧିବାସୀ ଜତଆ । ବୟସ ଓଁ ସହିକ ହେବ, କିନ୍ତୁ ଶିଳ୍ପପ୍ରତିଭା ପରି ତାର ସୃଷ୍ଟି ସୌଷ୍ଠବ; ସତେ ଅବା ସେ ହାତରେ ଗଢ଼ିଥିବା ଉଜ୍ଜ୍ୱଳ ଧାତୁଦ୍ରବ୍ୟ ପରି ତାର ଶରୀରର ଉଜ୍ଜ୍ୱଳ କାନ୍ତି ମଧ୍ୟ ଚିରସ୍ଥାୟୀ ।

ପୁରୁଣା ଘରକଥା ତାର ବେଳେ ବେଳେ ମନେପଡ଼େ । ଦୁଃଖ ବି ଆସେ । ସେଠାରେ କିପରି ନାନା ଜାତିର ହଜାର ହଜାର ଲୋକ ବାସ କରୁଥିଲେ ସେସବୁ କଥା କହେ ।

ହୀରାକୁଦ ଯୋଜନାର ବହୁମୁଖୀ ଉପକାର କଥା ନିତିଆ ଲୋକର ହୃଦୟଙ୍ଗମ ହେଲେ ମଧ୍ୟ ନିଜର ନବଲବ୍ଧ ପରିବେଶ ମଧ୍ୟରେ ସେ ଯେ ତୃପ୍ତି ଲାଭ କରିପାରିଛି, ଏହା ସେ ସ୍ୱୀକାର କରେ । କାରଣ ସମସ୍ତଙ୍କ ଭଳି ତାର ମଧ୍ୟ ଆଜି ନିଜର ଖଣ୍ଡେ ଫଳ-ବଗିଚା ଅଛି; ଯେଉଁଠି ଫସଲ ହସି ଉଠୁଛି ।

ଗ୍ରାମର ଅଦୂରରେ ପୂର୍ଣ୍ଣଗର୍ଭା ଜଳଭଣ୍ଡାର । ଫଗୁଣର ଫଗୁଲ ପ୍ରତ୍ୟୁଷରେ ଏହା ଏକ ଅପରୂପ ଶ୍ରୀ ଧାରଣ କରେ । ଏଇ ମନୋରମ ପରିବେଶ ମଧ୍ୟରେ କୂଳରେ ସମବେତ କିଶୋରକିଶୋରୀ ମେଳରେ ନିତିଆ ସ୍ୱାଗତ ଜଣାଏ ତାର ଏଇ ନୂତନ ଜୀବନକୁ ।

ବୃଦ୍ଧସୁଲଭ ସନ୍ଦେହବାଦର ପରିମଣ୍ଡ ଭାଙ୍ଗି ସେମାନେ ଆଜି ନୂତନ ରମେଲର ଶ୍ରେଷ୍ଠତ୍ୱ ସ୍ୱୀକାର କରିଛନ୍ତି । ଛୋଟ ଛୋଟ ଇଟାଘର, ଚମତ୍କାର ଗାଁ ପରିମଳ ବ୍ୟବସ୍ଥା, ପ୍ରଶସ୍ତ ରାସ୍ତା, ନୂତନ କୂଅର ଶୀତଳ ଓ ମଧୁର ପାନୀୟ ଏବଂ ସ୍ୱାସ୍ଥ୍ୟ ଓ ସମାଜ କେନ୍ଦ୍ରଗୁଡ଼ିକୁ ନେଇ ପୁନର୍ଜନ୍ମ ଲାଭ କରିଥିବା ରମେଲ ଗ୍ରାମଟି ହସିଉଠୁଛି ।

ଏ ସବୁ ଛଡ଼ା ଗାଁଲୋକେ ମିଳିମିଶି ୪୦ ଫୁଟ ଉଚର ଗୋଟିଏ କାଠରଥ ନିର୍ମାଣ କରିଛନ୍ତି । ପ୍ରତିବର୍ଷ ଜୁନ୍-ଜୁଲାଇରେ ପୁରୀର ପ୍ରସିଦ୍ଧ ରଥଯାତ୍ରାବେଳେ ରମେଲ ଦାଣ୍ଡରେ ମଧ୍ୟ ଏଇ ସୁସଜ୍ଜିତ ରଥଟି ଟଣା ହୋଇଥାଏ ।

ରମେଲର ଐଶ୍ୱର୍ଯ୍ୟ ଅଳ୍ପଦିନ ସ୍ଥାୟୀ ନୁହେଁ । ଦୃଢ଼ ଭିତ୍ତିଭୂମି ଉପରେ ଏହା ସୁପ୍ରତିଷ୍ଠିତ । ରମେଲର ଶିଳ୍ପୀମାନେ ଯେଉଁ ଧାତୁପାତ୍ର ଓ ଗହଣାଗଣ୍ଠି ଗଢ଼ନ୍ତି, ବାହାରେ ମଧ୍ୟ ତାର ଆଦର ରହିଛି ।

ଉର୍ବର ଭୂମି ଖୋଜିବାକୁ ପଡ଼ୁନାହିଁ । ଧୀବରମାନଙ୍କ ପାଇଁ ବିରାଟ ଜଳଭଣ୍ଡାର ପଡ଼ିଛି । ଆହାର ଓ ବିହାର ଉଭୟ ପାଇଁ ଏଠାରେ ପ୍ରଶସ୍ତ କ୍ଷେତ୍ର ଉନ୍ମୁକ୍ତ ।

ଜଳଭଣ୍ଡାରର ବିଶାଳ ଗର୍ଭରେ ବିଲୀନ ହୋଇଥିବା ୨୪୦ ଖଣ୍ଡ ଗ୍ରାମର ଅଧିବାସୀଙ୍କୁ ନେଇ ଯେତେଗୁଡ଼ିଏ ଗ୍ରାମ ଏଠାରେ ଗଢ଼ିଉଠିଛି, ସେଗୁଡ଼ିକ ରୂପରେ ଓ ଗୁଣରେ ଏଇ ରମେଲ ଭଳି ।

ବିଭିନ୍ନ ଉପାୟରେ ସରକାରଙ୍କ ସାହାଯ୍ୟ ଲାଭ କରି ଏଇ ସବୁ ଲୋକେ—କୃଷୀ, ଶିଳ୍ପୀ ବଣିକ ଓ ଅନ୍ୟମାନେ—ଏକ ଉନ୍ନତ ଓ କମନୀୟ ପରିବେଶ ମଧ୍ୟରେ ଜୀବନର ଛିଅ ପୁଣି ଧରିପାରିଛନ୍ତି ।

ଘର ତୋଳିବା ପାଇଁ ଲୋକମାନଙ୍କୁ ସରକାର ସାହାଯ୍ୟ ଦେଉଛନ୍ତି । ସୁଲଭ ମୂଲ୍ୟରେ କୃଷୀ ତା ଜମିକୁ ପାଉଛି ସାର ଓ ପାଣି । ଏମାନଙ୍କ ମଧ୍ୟରୁ ଅନ୍ତତଃ ଯେଉଁମାନେ ବୁଢ଼ା ହୋଇ ଯାଇଛନ୍ତି, ସେମାନେ ନିଜର ପୁରୁଣା ଗାଁ କଥା ଅବଶ୍ୟ ଭୁଲିପାରି ନାହାନ୍ତି । କିନ୍ତୁ ସେମାନଙ୍କର ନୂଆ ଘରେ ଯେ ସେମାନେ ଅଧିକ ଆନନ୍ଦରେ ଅଛନ୍ତି, ଏହା ଅସ୍ୱୀକାର କରୁନାହାନ୍ତି ।

# ହୀରାକୁଦ ଅଞ୍ଚଳରେ କୃଷି ବ୍ୟବସ୍ଥାରେ ପରିବର୍ତ୍ତନ

ଚଳିତ ବର୍ଷ ହୀରାକୁଦ ଜଳଭଣ୍ଡାରରେ ୬୯ ଲକ୍ଷ ୬୦ ହଜାର ଏକରଫୁଟ ଜଳସଞ୍ଚିତ ହୋଇଥିଲା । ଏହି ଜଳଭଣ୍ଡାର ପାଣି ଯୋଗାଇଥିବା ମୋଟ ପ୍ରାୟ ୫୫୨ ମାଇଲ ଦୀର୍ଘ କେନାଲ, ଶାଖା କେନାଲ, କରନାଳ ଆଦି ଦ୍ୱାରା ୧୯୬୦-୬୧ରେ ସମ୍ବଲପୁର ଓ ବରଗଡ଼ କେନାଲ ଦ୍ୱାରା ଜିଲ୍ଲାର ପ୍ରାୟ ୬ ଲକ୍ଷ ୨୬ ହଜାର ଏକର ଜମିରେ ଜଳସେଚନ କରାଯାଇ ପାରିବ ବୋଲି ଆଶା କରାଯାଉଛି । ସମ୍ବଲପୁର କେନାଲ ବ୍ୟବସ୍ଥାଦ୍ୱାରା ସେହିଁ ପରିମାଣର ଜଳସେଚନ ଆରମ୍ଭ ହେବାର କଥା, ତାର ଅଧା ମାତ୍ର ଏ ପର୍ଯ୍ୟନ୍ତ ହୋଇଛି । କିନ୍ତୁ ଏହାଦ୍ୱାରା ଏହି ଅଂଚଳର କୃଷି-ପଦ୍ଧତିରେ କି ଭଳି ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ହୋଇଛି ତାର ଚିତ୍ର ଏହି ପ୍ରବନ୍ଧରେ ଦିଆଯାଇଛି ।

ଦୁଇ ବର୍ଷରୁ ଟିକିଏ ବେଶୀ ହେବ, ହୀରାକୁଦ ଜଳଭଣ୍ଡାରରେ ସଞ୍ଚିତ ମହାନଦୀର ଜଳରାଶି ଓଡ଼ିଶାର ସମ୍ବଲପୁର ଜିଲ୍ଲାର କେନାଲ, ଶାଖାକେନାଲ ଓ କରନାଳଗୁଡ଼ିକରେ ବହିବାକୁ ଆରମ୍ଭ କଲା । ଏହାଫଳରେ ଏହି ଅଂଚଳର କୃଷି-ପଦ୍ଧତି ବଦଳିବାକୁ ଲାଗିଲା ।

ଆଗେ ଏ ଅଂଚଳରେ ମୁଖ୍ୟତଃ ଗୋଟିଏ ଫସଲ-ଧାନ ଚାଷ ହେଉଥିଲା । ବଂଶ-ପରଂପରାକ୍ରମେ ଓଡ଼ିଆମାନେ ଏହି ଧାନ ଫସଲ ହିଁ କରୁଥିଲେ । କିନ୍ତୁ ବର୍ତ୍ତମାନ ବର୍ଷସାରା ଏପରି କି ଶୀତ ଋତୁରେ ମଧ୍ୟ ଜଳସେଚନର ସୁବିଧା ମିଳିବାରୁ ବହୁବିଧ ଫସଲ ଉତ୍ପନ୍ନ ହେଉଛି ।

କେତେକ ଚାଷୀ ଦୋଫସଲ ଓ ମିଶ୍ରିତ ଚାଷ ବ୍ୟବସ୍ଥା ଗ୍ରହଣ କରିଥିବା ବେଳେ ଆଉ କେତେକ ଚାଷୀ ବହୁଳ ଧାନଚାଷ ପଦ୍ଧତି ଅବଲମ୍ବନ କରିଛନ୍ତି ।

## ଦୋ-ଫସଲ

ଶାରଦ ଧାନ ସାଧାରଣତଃ ବର୍ଷାଋତୁରୁ ବୁଣାଯାଇ ନଭେମ୍ବର ମାସରେ ଅମଳ ହୁଏ । ସେହି ସମୟରେ ଯେଉଁଠି ଦ୍ୱିତୀୟ ଫସଲ ବୁଣାଯାଇ ପାରୁଛି, ସେଠାରେ ଗହମ, ବୁଟ, ଚିନାବାଦାମ, ଡାଲି, ଆଳୁ ଓ ପନିପରିବା ଚାଷ କରାଯାଉଛି । କେନାଲରୁ ମିଳୁଥିବା ପ୍ରଚୁର ଜଳ ଉପରେ ନିର୍ଭର କରି କେତେକ କ୍ଷେତ୍ରରେ ଚାଷୀମାନେ ରବି ଫସଲରୂପେ ଶୀଘ୍ର ପାଚି ଯାଉଥିବା ଧାନ ମଧ୍ୟ ବୁଣୁଛନ୍ତି । ବାରମାସ ମଧ୍ୟରେ ଖଣ୍ଡେ ଜମିରୁ ଦୁଇଥର ଧାନ ଫସଲ ଅମଳ କରିବା, ପୂର୍ବରୁ, ଏ ଅଞ୍ଚଳରେ ଜଣା ନ ଥିଲା ।

## ଦୁଇଟି କ୍ଷେତ୍ରର କାହାଣୀ

ହୀରାକୁଦଠାରୁ ପ୍ରାୟ ୩୦ ମାଇଲ ଦୂରବର୍ତ୍ତୀ ବୁଢ଼ୀଟିକରା ଓ ବୁଢେଲପାଲି ଗ୍ରାମରେ ଏହି ପରିବର୍ତ୍ତନର ଏକ ଜ୍ୱଳନ୍ତ ଚିତ୍ର ଦେଖିବାକୁ ମିଳେ । ବରଗଡ଼ ନାଳରୁ ଏହି ଅଞ୍ଚଳକୁ ପାଣି ଯୋଗାଇ ଦିଆଯାଏ । ବୁଢ଼ୀଟିକରା ଗ୍ରାମରେ ଷାଠିଏ ବର୍ଷର ବୃଦ୍ଧ ଭଗବାନ ସେଠ ଅନ୍ୟମାନଙ୍କ ଆଗରେ ଏକ ଦୃଷ୍ଟାନ୍ତ ଥୋଇପାରିଛି ।

ଭଗବାନ ସେଠର ଫାର୍ମ ଖଣ୍ଡେ ଅଛି; କିନ୍ତୁ ଆଧୁନିକ ଚାଷ ସାମଗ୍ରୀ ତାର ସେପରି କିଛି ନାହିଁ । ତଥାପି ଚଳିତ ବର୍ଷ ଜାନୁୟାରୀ ମାସରେ ତା ଫାର୍ମର ୩୦ ଏକର ଜମିରେ ଡାକୁଅ ଧାନ ଚାଷ ହୋଇଥିଲା । ଡାକୁଅ ଧାନ ନଭେମ୍ବର ମାସରେ ବୁଣା ହୋଇ ମାର୍ଚ୍ଚ ମାସରେ ଅମଳ ହୁଏ । ଏହା ମଧ୍ୟରୁ ଅଧା ଜାପାନୀ ପଦ୍ଧତିରେ ଚାଷ ହୋଇଥିଲା । ଭ୍ରମଣଶୀଳ କୃଷି ଅଫିସରଙ୍କଠାରୁ ସେ ଏହି ପଦ୍ଧତି ଶିକ୍ଷା କରିଥିବା କଥା ଜଣାଇଥିଲା ।

ଏହାଛଡ଼ା ସେଇ ଫାର୍ମରେ ପ୍ରାୟ ଏକରେ ଲେଖାଏଁ ଜମିରେ ରବିଫସଲ ଆକାରରେ ଚଣା, ଗହମ ଓ ମୁଗ ମଧ୍ୟ ବୁଣାଯାଇଥିଲା । ପନିପରିବା ବଟିସ୍ଥ ଖଣ୍ଡିକ ଆଳୁ ଓ କୋବି ଫସଲରେ ସବୁଜ ବର୍ଣ୍ଣ ଧାରଣ କରିଥିଲା ।

ସେଇ ଖୁବ୍ ଉଦ୍ୟମୀ । ଫାର୍ମ ମଧ୍ୟରେ ଖଣ୍ଡେ ପୋଖରୀ ମଧ୍ୟ ସେ ଖୋଳିଛି । କେନାଲରୁ ଆସୁଥିବା ପାଣି ଏଠାରେ ସଞ୍ଚିତ ହୁଏ । ସେହି ପୋଖରୀରୁ କ୍ଷେତ ମଧ୍ୟକୁ ପାଣି ଯିଆରିମାନ କଟାଯାଇଛି । ଏହି ପୋଖରୀରେ ସେ ପ୍ରଥମ କରି ମାଛଚାଷ ମଧ୍ୟ ଆରମ୍ଭ କରିଛି ।

ବରଗଡ଼ ନାଳ ଏହି ଗ୍ରାମ ପାର୍ଶ୍ୱ ଦେଇ ଯିବା ଫଳରେ ୧୯୫୮ ମସିହାରେ ଏହାସବୁ ସମ୍ଭବ ହେଲା ବୋଲି ସେଇଠାରୁ ପ୍ରକାଶ । କ୍ଷେତକୁ ପାଣି ଯିବାଲାଗି ଜଳନାଳମାନ ଖୋଲାଯିବା ସଙ୍ଗେ ସଙ୍ଗେ ସେଇ ଅଳ୍ପ କାଳବ୍ୟୟରେ ତାର ସୁଯୋଗ ଗ୍ରହଣ କରିଥିଲା ।

ଏଇ ଖଣ୍ଡମଣ୍ଡଳର ଚାଷୀମାନଙ୍କ ମଧ୍ୟରେ ସେଇ ଆଜି ଅଗ୍ରଣୀ । ପାଞ୍ଚଟି କୃଷି-ଶ୍ରମିକ ପରିବାରଙ୍କୁ ସେ ଆଜି ନିଜ କୃଷି କାର୍ଯ୍ୟରେ ନିୟୋଗ କରି ରଖିଛି । ସେମାନଙ୍କ ମଜୁରି ଛଡ଼ା ଖାଇବା ଓ ରହିବାର ସୁବିଧା ମଧ୍ୟ ସେ ସେମାନଙ୍କୁ ଯୋଗାଇ ଦେଇଛି ।

ବୁଦେଲପାଲି ଗ୍ରାମର ଭୁବନେଶ୍ୱର ପ୍ରଧାନ ମଧ୍ୟ ଭଗବାନ ଦେଇ ଭଲ ଆଜି ଏକ ବିଶେଷ ମାତବର ଲୋକରେ ପରିଣତ ହୋଇଛି । ଦଶ ଏକର ଫାର୍ମ, ତିନି ହଳ ବଳଦ ଓ ଆଠଦଶଟି ଗାଈଙ୍କୁ ନେଇ ତାର କୃଷି-କାମ ଚାଲିଛି । ଗତ ଶୀତ ଋତୁରେ ଦୋଫସଲ ଆକାରରେ ସେ ଚିନାବାଦାମ ଓ ଗହମ ଲଗାଇଥିଲା । ନିଜ ପରିବାରର ବାରଜଣ କୁଟୁମ୍ବଙ୍କୁ ଧରି ସେ ତାର ଚାଷକାମ ଚଳାଏ । ଗ୍ରାମର ଶ୍ରେଷ୍ଠ ଶ୍ରେଷ୍ଠ ଚାଷୀମାନେ ଆଜି ତାର ପଦାଙ୍କ ଅନୁସରଣ କରି ଚାଲିଛନ୍ତି ।

## ଭବିଷ୍ୟତର ଉଜ୍ଜ୍ୱଳ ଆଶା

ବହୁଳ ଚାଷ, ଖଣ୍ଡେ ଜମିରେ ନାନାପ୍ରକାର ଚାଷ ଓ ଦୋଫସଲ ବ୍ୟବସ୍ଥା ଦ୍ରୁତପ୍ରସାର ଲାଭ କରୁଛି । ୧୯୫୭-୫୮ରେ ହୀରାକୁଦ ଅଂଚଳର ଶତକଡ଼ା ୧୦ ଭାଗରୁ ୧୫ ଭାଗ ଜମିରେ ଦୋଫସଲ ହୋଇଥିଲା । ଚଳିତ ବର୍ଷ ଶତକଡ଼ା ୨୦ ଭାଗରୁ ୩୦ ଭାଗ ଜମିରେ ଦୋଫସଲ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ହିସାବ କରି ଦେଖାଯାଇଛି ଯେ ୧୯୫୭-୫୮ରେ ୨ ଲକ୍ଷ ୪୨ ହଜାର ଏକର ରବିଫସଲକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇଛି । ୧୯୫୬-୫୭ରେ ମାତ୍ର ୯୦ ହଜାର ଏକର ରବିଫସଲରେ ନାଳପାଣି ମାଡ଼ିଥିଲା ।

ହୀରାକୁଦ ଜଳଭଣ୍ଡାରରୁ କେବଳ ରବିଫସଲ ନୁହେଁ, ଶାରଦ ଫସଲ ମଧ୍ୟ ଜଳସେଚନର ସୁବିଧା ପାଉଛି । ୧୯୫୭-୫୮ରେ ଲକ୍ଷେ ୯୨ ହଜାର ଏକର ଶାରଦ ଜମିକୁ ପାଣି ଯୋଗାଇବାର ବ୍ୟବସ୍ଥା ହୋଇଥିଲା ।

ଚଳିତ ବର୍ଷ ୩ ଲକ୍ଷ ୨୨ ହଜାର ଏକର ଜମିରେ ଏବଂ ୧୯୫୯-୬୦ରେ ୩ ଲକ୍ଷ ୮୦ ହଜାର ଏକର ଜମିରେ ଜଳସେଚନର ବ୍ୟବସ୍ଥା ହେଉଛି । ହୀରାକୁଦ ଜଳବିନିଯୋଗ ବ୍ୟବସ୍ଥାର ଦ୍ରୁତ ଅଗ୍ରଗତି ସତ୍ତ୍ୱେ ମଧ୍ୟ ୬ ଲକ୍ଷ ୨୨ ହଜାର ଏକର ଜମିକୁ ପାଣି ଯୋଗାଇବା ଲକ୍ଷ୍ୟ ପୂରଣ ଲାଗି ଆଉ ଦୁଇବର୍ଷ ଲାଗିବ ବୋଲି ଅନୁମାନ କରାଯାଉଛି ।

# ଜନଗଣନା ପାଇଁ ଅଭ୍ୟାସ

୧୯୭୧ ମସିହାରେ ସାରା ଭାରତରେ ଜନଗଣନା ହେବ । କିନ୍ତୁ ତାର ଯଥେଷ୍ଟ ଆଗରୁ ହଠାତ୍ କବାଟରେ ଠକ୍ ଠକ୍ ଶବ୍ଦ କରି କିଏ ହୁଏତ ଆପଣଙ୍କୁ ଡାକିବାକୁ ଆସିବ । ଆପଣ ଦୁଆରକୁ ଯିବେ; ଦେଖିବେ—ସେ ଦୁଧବାଲା ନୁହେଁ, କିମ୍ବା ଡାକବାଲା ନୁହେଁ । ସେ ହେଉଛି—ଜନଗଣନାକାରୀ । ଏଥର ସେ ଗଣନା କରିବାକୁ ଆସିନାହିଁ । ୧୯୭୧ରେ ଏତେ ଆଗରୁ ଆସିବାର କାରଣ କଣ ? ଏଥର ସେ ଆସିଛି ସମସ୍ତଙ୍କୁ ଗଣନା ସମ୍ପର୍କରେ ଅଭ୍ୟାସ କରାଇ ନେବାକୁ । ସେ କେତୋଟି ପ୍ରଶ୍ନ ପଚାରି ଅଭ୍ୟାସ କରାଇ ନେବ । ସେ ୧୯୭୧ ମସିହାର ନିର୍ଦ୍ଦିଷ୍ଟ ଦିନରେ ପୁଣି ଥରେ ଆସିବ । ଯେଉଁ ଯେଉଁ ପ୍ରଶ୍ନ ପଚାରିଥିବ, ପୁଣି ଥରେ ତାହା ପଚାରି ତାର ଚୂଡ଼ାନ୍ତ ଉତ୍ତର ଲିପିବଦ୍ଧ କରିନେବ ।

କେବଳ ସଠିକ ଉତ୍ତର ପାଇବା ତାର କାମ ନୁହେଁ । ସଠିକ ପ୍ରଶ୍ନ ପଚାରିବା ମଧ୍ୟ ତାର କାମ । ବର୍ତ୍ତମାନ ତ ଯଥେଷ୍ଟ ସମୟ ଅଛି । ଏତିକି ବେଳୁ ପ୍ରଶ୍ନଗୁଡ଼ିକ ଠିକ୍ ଅଛି କି ନାହିଁ ତାହା ମଧ୍ୟ ପରୀକ୍ଷା କରିବାକୁ ହେବ । ତେଣୁ ଜନଗଣନାକାରୀ ଏତିକି ବେଳୁ ସେ ବିଷୟରେ ସତର୍କ ରହିଛି ।

## କି ପ୍ରକାର ପ୍ରଶ୍ନ ପଚରାଯିବ

ଆଚ୍ଛା, ଜନଗଣନାକାରୀମାନେ କି ପ୍ରକାର ପ୍ରଶ୍ନ ପଚାରିବେ ? ସେ ଆପଣଙ୍କ ଜନ୍ମସ୍ଥାନ, ଆପଣଙ୍କ ଧର୍ମ, ମାତୃଭାଷା, ଶିକ୍ଷା, ବୟସ, କର୍ମସ୍ଥାନ, ବିବାହ ଆଦି ସମ୍ପର୍କରେ ପ୍ରଶ୍ନ ପଚାରିବେ । ଆପଣଙ୍କର ଏଠାରେ ପରିବାରରେ କେତୋଟି ଲୋକ ଅଛନ୍ତି ? ଆପଣଙ୍କ ଜମି କେତେ ? ଆପଣ କି ପ୍ରକାର ଶିଳ୍ପ-ବ୍ୟବସାୟ ଚଳାନ୍ତି ? ଆଚ୍ଛା କହନ୍ତୁ ତ, ଘରର ଯେ କର୍ତ୍ତା, ସେ ଏସବୁ ପ୍ରଶ୍ନର ଖୋଲାଖୋଲି ଠିକ ଉତ୍ତର ଦେବେ ତ ? ହୁଏତ କେତେକ ଲୋକଙ୍କୁ କେତେକ ପ୍ରଶ୍ନ ଭଲ ଲାଗିବ ନାହିଁ । କିନ୍ତୁ ଜନଗଣନାକାରୀଙ୍କ ପ୍ରଶ୍ନଗୁଡ଼ିକ ଅତି ସରଳ । ସେ ଏହିପରି ବିଭିନ୍ନ ପ୍ରଶ୍ନ ପଚାରି ବୁଝିବେ ଗାଁର ହାଲଚାଲ । ତା ପରେ ଗାଁଟିରେ କେତେ ଲୋକ ବାସ କରନ୍ତି, କେତେ ଲୋକ ବେକାର ବସିଛନ୍ତି, କେତୋଟି ଘର କଚ୍ଚା ଓ କେତୋଟି ଘର ପକ୍କା, କି ଦ୍ରବ୍ୟ ଗାଁରେ ଉତ୍ପାଦିତ ହୁଏ ଏବଂ ଏଗୁଡ଼ିକ ବିକ୍ରୟଯୋଗ୍ୟ କି ନୁହେଁ—ଏ ସମସ୍ତ ବିଷୟରେ ଏକ ବିବରଣୀ ପ୍ରସ୍ତୁତ କରିବେ ।

ଏ ପ୍ରକାର ପ୍ରଶ୍ନ କରି ଲୋକଙ୍କ ଉତ୍ତର ପାଇବା ପାଇଁ କେତେକ ସ୍ଥାନରେ ଉଦ୍ୟମ ହୋଇ ସାରିଲାଣି । ଶୁଣିବେ ? ପଞ୍ଜାବର ଗୋଟିଏ ଗାଁରେ ଜଣେ ଜନଗଣନାକାରୀ ଗୋଟିଏ ବୁଢ଼ା କୃଷୀକୁ ପ୍ରଶ୍ନ କଲେ— "ଆଚ୍ଛା, ତୁମ ପାଖରେ ଟର୍ଚ୍ଚ ଲାଇଟ୍ ଅଛି କି ?" ସଙ୍ଗେ ସଙ୍ଗେ ବୁଢ଼ାଟି ଏପରି ପ୍ରଶ୍ନର ପ୍ରତିବାଦ କଲା । ସେ କହିଲା, "ଆମ ଅଞ୍ଚଳରେ ଟର୍ଚ୍ଚ ଲାଇଟ୍କୁ "ଚୋରବତୀ" କହନ୍ତି । ଚୋର ଓ ତସ୍କରମାନେ ରାତିରେ ଏହାକୁ ବ୍ୟବହାର କରନ୍ତି । ମୁଁ କଣ ଚୋର ଯେ ଚୋରବତୀ ବ୍ୟବହାର କରିବି ?"

ଆଉ ଗୋଟିଏ ସ୍ଥାନରେ, ଦଳେ ଲୋକ କହିଲେ ଯେ ଦେଶ ସମାଜବାଦୀ ହେବାକୁ ଯାଉଛି । ଏପରିସ୍ଥଳେ ଧର୍ମ ସମ୍ପର୍କରେ ଧାର୍ମିକ ତଥ୍ୟ ସଂଗ୍ରହ କରାଯାଉଛି ? ଆଉ ଗୋଟିଏ ସ୍ଥାନରେ 'ଘର'ର ସଂଜ୍ଞା ନେଇ ଯୁକ୍ତିତର୍କ ଲାଗିଗଲା । ଜନଗଣନାକାରୀଙ୍କୁ ବୁଝାଇବାକୁ ପଡ଼ିଲା ଯେ 'ଘର' ଅର୍ଥ ହେଉଛି— ମନୁଷ୍ୟର ବାସସ୍ଥଳୀ, ଯାହା ଅନ୍ୟ ଘରଠାରୁ ଅଲଗା ଏବଂ ଯାହାର ଏକ ଅଲଗା ପ୍ରବେଶ-ପଥ ଅଛି ।

ସେହିପରି ପରିବାରର ଅର୍ଥ ହେଉଛି—ଯେଉଁ ଘରେ ଏକାଧିକ ବ୍ୟକ୍ତି, ଜ୍ଞାତି-କୁଟୁମ୍ବ ଏକାଠି ରହନ୍ତି ଏବଂ ଗୋଟିଏ ରୋଷେଇରେ ଖାଆନ୍ତି ।

## ଉତ୍ତର ଗୋପନୀୟ ରଖାଯିବ

ନିଃସଙ୍କୋଚଭାବରେ ଆପଣ ଠିକ୍ ଠିକ୍ ଉତ୍ତର ଦିଅନ୍ତୁ । ଉନ୍ନତ ଅର୍ଥନୈତିକ ଓ ସାମାଜିକ ଜୀବନର ପରିକଳ୍ପନାରେ ଆପଣଙ୍କ ତଥ୍ୟ ବ୍ୟବହୃତ ହେବ । ତାହା ଆପଣଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ଆପଣ ନିଜର ଆୟ ସମ୍ପର୍କରେ ଯେଉଁ ଉତ୍ତର ଦେବେ, ଭାବିବା ଉଚିତ ନୁହେଁ ଯେ ସେ କଥା ଆୟକର ବିଭାଗକୁ ଜଣାଇ ତା ଉପରେ ଆୟକର ବସିଦିଆଯିବ କିମ୍ବା ଆପଣଙ୍କର କୌଣସି ଉତ୍ତର ଅଦାଲତରେ କୌଣସି ମକଦ୍ଦମାରେ ବ୍ୟବହୃତ ହେବ । ଆପଣଙ୍କର ସମସ୍ତ ଉତ୍ତର ଗୋପନୀୟ ରଖାଯିବ ।

ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଜୀବନର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଯେଉଁ ସବୁ ଉତ୍ତର ମିଳିବ, ନୂତନ ଛାଞ୍ଚରେ ସେଗୁଡିକ ସଂକଳିତ ହେବ । ଜନଗଣନା କମିଶନଙ୍କର ଅଫିସ ନମୁନା ସମୀକ୍ଷା ପାଇଁ ପ୍ରଶ୍ନମାଳା ପ୍ରସ୍ତୁତ କରିଛନ୍ତି । ଏହି ଅଫିସ ଉତ୍ତରଗୁଡିକ ଭଲଭାବେ ଅନୁଧ୍ୟାନ କରନ୍ତି ଏବଂ ସମଗ୍ର ଦେଶର ମଙ୍ଗଳ ପାଇଁ ଏହା କିପରିଭାବେ ବ୍ୟବହାର କରାଯାଇ ପାରେ ତାହା ନିର୍ଦ୍ଧାରଣ କରନ୍ତି ।

ବର୍ତ୍ତମାନଠାରୁ ଏପରିଭାବେ ଅଭ୍ୟାସ କରାଇନେଲେ ୧୯୭୧ ମସିହାରେ ଯେତେବେଳେ ପ୍ରକୃତ ଜନଗଣନା ହେବ ଏବଂ ଏଥିପାଇଁ ବିଭିନ୍ନ ପ୍ରଶ୍ନ ପଚରାଯିବ, ସେତେବେଳେ ଉତ୍ତର ଦେବାରେ ଆଉ କୌଣସି ଅସୁବିଧା ବା ସନ୍ଦେହ ରହିବ ନାହିଁ । ଦେଶରେ ନରନାରୀଙ୍କ ଗଣନା ସେତେବେଳେ ସହଜସାଧ୍ୟ ହୋଇଯିବ । କେବଳ ସେତିକି ନୁହେଁ, ଦେଶରେ ଜନସାଧାରଣ ସାମାଜିକ ଓ ବୈଷୟିକ କ୍ଷେତ୍ରରେ କେତେଦୂର ଅଗ୍ରଗତି କରିଛନ୍ତି ତାହାର ତଥ୍ୟ ସଂଗ୍ରହ ମଧ୍ୟ ସହଜ ହେବ ।



# କୋଣାର୍କ ମନ୍ଦିରର ସୁରକ୍ଷା ବ୍ୟବସ୍ଥା

## କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ବିଶେଷ ଆୟୋଜନ

କେନ୍ଦ୍ର ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ମାରଫତରେ ଦେଶର ପ୍ରାଚୀନ ସ୍ମୃତି-ସ୍ତମ୍ଭଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ହୋଇ ଆସୁଛି । ଗତ ଦୁଇବର୍ଷ ହେଲା ବିଶ୍ୱବିଖ୍ୟାତ କୋଣାର୍କ ମନ୍ଦିର ଏହି ବିଭାଗର ବିଶେଷ ଦୃଷ୍ଟି ଆକର୍ଷଣ କରିଛି ।

ଭୁବନେଶ୍ୱରର ୩୧ ମାଇଲ ଦକ୍ଷିଣ-ପୂର୍ବ ଏବଂ ପୁରୀର ୧୮ ମାଇଲ ଉତ୍ତର-ପୂର୍ବରେ ଏହି ମନ୍ଦିର ଅବସ୍ଥିତ । ସେଠାରୁ ବଙ୍ଗୋପସାଗର ଆଉ ପ୍ରାୟ ଦୁଇ ମାଇଲ ମଧ୍ୟରେ ।

ସପ୍ତ-ଅଶ୍ୱବାହୀ ଚବିଶଟି ଚକ୍ରବିଶିଷ୍ଟ ଏକ ବିରାଟ ଆକାରରେ ଏହି ମନ୍ଦିରର ପରିକଳ୍ପନା ହୋଇଥିଲା । ହିନ୍ଦୁଶାସ୍ତ୍ର ମତରେ ଦେବତାମାନଙ୍କର ଦ୍ୱାଦଶ ଅବସ୍ଥା ମଧ୍ୟରୁ ସୂର୍ଯ୍ୟ ଦେବଙ୍କର କୋଣ ଅବସ୍ଥିତି ଯୋଗେ ଏ ସ୍ଥାନର ନାମ କୋଣାର୍କ ରଖଯାଇ ମନ୍ଦିରଟିକୁ ସୂର୍ଯ୍ୟଦେବଙ୍କ ପୂଜା-ଅର୍ଚ୍ଚନାର ପୀଠରୂପେ ଉତ୍ସର୍ଗ କରାଯାଇଥିଲା ।

ଓଡ଼ିଶାର ଭାସ୍କର୍ଯ୍ୟ ବା ସ୍ଥାପତ୍ୟ ଶୈଳୀ ଅପରୂପ । ଭୁବନେଶ୍ୱରର ଲିଙ୍ଗରାଜ ଓ ଅନ୍ୟାନ୍ୟ ମନ୍ଦିରଗୁଡ଼ିକ ସେହି ଶୈଳୀର ଅପୂର୍ବ ନିଦର୍ଶନ । ସେହି ଶୈଳୀରେ କୋଣାର୍କ ମନ୍ଦିର ନିର୍ମିତ ହୋଇଥିଲା । ଆକବରଙ୍କ ଦରବାରର ଐତିହାସିକ ଅବଦୁଲ ଫଜଲ କୋଣାର୍କ ମନ୍ଦିରକୁ ଦେଖି କହିଥିଲେ, "ଯେଉଁସବୁ ବିଶେଷଜ୍ଞ-ମାନଙ୍କୁ ସନ୍ତୁଷ୍ଟ କରିବା ଅତି ଦୁଃସାଧ୍ୟ, ସେମାନେ ମଧ୍ୟ ଏହାକୁ ଦେଖି ବିସ୍ମୟବିମୂଢ଼ ହୋଇ ପଡ଼ୁଛନ୍ତି ।"


ଆଜି ଏହି ମନ୍ଦିରର ଧ୍ୱଂସାବଶେଷମାତ୍ର ରହିଛି । ତଥାପି ଆଜିର ଦର୍ଶକମାନେ ଅବଦୁଲ ଫଜଲଙ୍କ ସହିତ ସଂପୂର୍ଣ୍ଣ ଏକମତ ହେଉଛନ୍ତି ।

ତ୍ରୟୋଦଶ ଶତାବ୍ଦୀରେ ଓଡ଼ିଶାର ଗଙ୍ଗବଂଶର ଜଣେ ରାଜା ଏହି ମନ୍ଦିର ନିର୍ମାଣ କରାଇଥିଲେ । ଅତି ବଡ଼ ବଡ଼ ଛୁଟ ପଥର ବା ବଜ୍ରଲମାଳାଦ୍ୱାରା ଏହି ମନ୍ଦିରଟି ନିର୍ମିତ ହୋଇଛି । ଏ ଧରଣର ପଥର କୋଣାର୍କର ନିକଟବର୍ତ୍ତୀ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ । ତେଣୁ ବହୁ ଦୂରରୁ ଏତେ ବଡ଼ ବଡ଼ ଖଣ୍ଡ ପଥର ଆଣି ଏତେ ଉଚ୍ଚ ମନ୍ଦିର ନିର୍ମାଣ କରିବା ପାଇଁ ସେ ଯୁଗର କାରିଗରମାନଙ୍କ ପକ୍ଷରେ ଆୟାସସାଧ୍ୟ ହୋଇଥିବ । ସୂକ୍ଷ୍ମତର ଭାସ୍କର୍ଯ୍ୟ ମୁଗୁନି ପଥର ଦେହରେ ଫୁଟିଉଠିଛି ।

ପ୍ରଧାନ ସୂର୍ଯ୍ୟମନ୍ଦିରର ସମ୍ମୁଖ ଭାଗରେ ଥିବା ମୁଖଶାଳାର ଉଚ୍ଚତାରୁ ଯାହା ଅନୁମାନ କରାଯାଏ, ସମଗ୍ର ମନ୍ଦିରଟିର ଉଚ୍ଚତା ତଳୁ ପ୍ରାୟ ଦୁଇ ଶହ ଫୁଟ ହୋଇଥିବ । ଭାରତର ଉଚ୍ଚତମ କୀର୍ତ୍ତିରାଜି ମଧ୍ୟରେ ଏହା ନିଶ୍ଚୟ ଅନ୍ୟତମ ହୋଇଥିବ । ଏହି ମନ୍ଦିରର ପ୍ରତ୍ୟେକ ଅଂଶ ବିଶେଷ ଯଥାନୁପାତରେ ବିଶାଳ ଓ ବିସ୍ମୟକର । ଉଦାହରଣ ସ୍ୱରୂପ, ନବଗ୍ରହ ମୂର୍ତ୍ତି ଖୋଦିତ ହୋଇଥିବା ମୁଗୁନି ପାଟ ପଥର ଖଣ୍ଡରେ ଦୈର୍ଘ୍ୟ ୧୯ଫୁଟ ୯ଇଞ୍ଚ, ଉଚ୍ଚତା ୪ଫୁଟ ଓ ଘନତା ୩ଫୁଟ ୯ଇଞ୍ଚ ।



ରାଷ୍ଟ୍ରପତି ଡାଃ ରାଜେନ୍ଦ୍ର ପ୍ରସାଦ କୋଣାର୍କ ମନ୍ଦିର ପରିଦର୍ଶନ କରୁଛନ୍ତି



ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପରେ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦ ଶ୍ରୀମନ୍ଦିରରୁ ଫେରୁଅଛନ୍ତି

ଭୁବନେଶ୍ୱର ବିମାନ-ଘାଟୀଠାରେ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦଙ୍କୁ ମୁଖ୍ୟମନ୍ତ୍ରୀ ଡକ୍ଟର ମହତାବ ସଂବର୍ଦ୍ଧନା କରି ପାଛୋଟି ଆଣୁଛନ୍ତି



ଦୁର୍ଭାଗ୍ୟବଶତଃ ଏହି ମନ୍ଦିରର ଚୂଡ଼ା ବା ଅଗ୍ର-ଭାଗ ତାର ସେହି ପ୍ରାଚୀନ କଳା ସମୃଦ୍ଧିର ପ୍ରାଧାନ୍ୟ ଘୋଷଣା କରିବାପାଇଁ ଆଜି ଆଉ ନାହିଁ । କେଉଁ ଏକ ଅଜ୍ଞାତ ଅବସରରେ ଦାମ୍ଭିକ କେଜାଣି ଏହି ମନ୍ଦିରର ଚୂଡ଼ା ଭାଙ୍ଗି ପଡ଼ିଛି । ବିଗତ ୧୮୩୭ ମସିହାରେ ଫର୍ଗୁସନ ଯେତେବେଳେ ଏହି ପୀଠ ପରିଦର୍ଶନ କରିଥିଲେ ସେତେବେଳେ ଚୂଡ଼ାର ଗୋଟିଏ ଅଂଶ ରହିଥିଲା । ମାତ୍ର ପରବର୍ତ୍ତୀ ପଚିଶ ବର୍ଷ ମଧ୍ୟରେ ତାହା ମଧ୍ୟ ଭାଙ୍ଗିପଡ଼ିଲା ।

ମନ୍ଦିରର ଚୂଡ଼ା ଭାଙ୍ଗିପଡ଼ିବା ଫଳରେ ଭଗ୍ନାବଶେଷ ମନ୍ଦିରର ଚତୁଃପାର୍ଶ୍ୱରେ ସ୍ତୂପୀକୃତ ହୋଇଥିଲା । ତାହାଛଡ଼ା ସମୁଦ୍ରୋତ୍ଥିତ ବାଲୁକାଝଞ୍ଜା ଫଳରେ ଏହି ମନ୍ଦିର ବହୁଳାଂଶରେ ପୋତିହୋଇ ରହିଲା ।

## ମନ୍ଦିର ସୁରକ୍ଷା ବ୍ୟବସ୍ଥା

ଚଳିତ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ଏହି ମନ୍ଦିରର ସୁରକ୍ଷା ବ୍ୟବସ୍ଥା ପ୍ରକୃତ ଭାବରେ ହାତକୁ ନିଆଗଲା । ସଂରକ୍ଷଣକାରୀମାନଙ୍କୁ ବହୁବିଧ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା । ଅପ୍ରଶସ୍ତର ଯେଉଁ ଅଂଶତକ ଟଳମଳ ଅବସ୍ଥାରେ ଥିଲା ତାହାକୁ ସୁରକ୍ଷିତ କରିବା, ମୁଖଶାଳାର ଭିତର ପଟରେ ବଡ଼ ବଡ଼ ପଥର ଖଣ୍ଡ ଖସି ପଡ଼ୁଥିଲା, ତାହା ନିରାପଦ ରଖିବା, ମୁଖଶାଳାର ସ୍ତମ୍ଭ ଓ କାନ୍ଥର ଯୋଡ଼ ସ୍ଥାନରେ ନିର୍ମିତ ଓ କାଳକ୍ରମେ ପତନୋନ୍ମୁଖୀ କାରୁକାର୍ଯ୍ୟଗୁଡ଼ିକୁ ମରାମତି କରି ସୁଦୃଢ଼ କରିବା ଏବଂ ମନ୍ଦିରର ବେଢ଼ା ମଧ୍ୟରୁ ଧ୍ୱଂସସ୍ତୂପ ଓ ବାଲୁକାରାଶି ପରିଷ୍କାର କରିବା ହେଲା ପ୍ରଧାନ ସମସ୍ୟା ।

ସଂରକ୍ଷଣକାରୀମାନେ କାର୍ଯ୍ୟର ବିଶାଳତା ଦୃଷ୍ଟିରୁ ନିଜକୁ ଉପଯୁକ୍ତ ପ୍ରମାଣିତ କରିପାରିଛନ୍ତି । ସେମାନେ କାର୍ଯ୍ୟ ଶେଷ କରିବା ପଚିଶ ବର୍ଷ ଅତୀତ ହୋଇଥିଲେ ମଧ୍ୟ, ସେହି ଦିନଠାରୁ ନିରବଚ୍ଛିନ୍ନ ଭାବରେ ଯତ୍ନ ନିଆଯାଉଥିବାରୁ ମନ୍ଦିରଟିର ଆଉ ବିଶେଷ କୌଣସି କ୍ଷତି ଘଟି ନାହିଁ । ମୁଖଶାଳାଟିକୁ ସେମାନେ ଭରି ଦେଇଛନ୍ତି, ଉପରେ ଦୋଳାୟମାନ ସ୍ଥାପତ୍ୟରାଶି ଯେପରି ଖସି ନ ପଡ଼ୁ ସେଥିପାଇଁ ସ୍ତମ୍ଭ ବା ଠେକ-ଲଗାଇ ଦେବା ଉଦ୍ଦେଶ୍ୟରେ ଅନେକ କାନ୍ଥମାନ ଗଢ଼ାଯାଇଛି, ମନ୍ଦିର ଚୂଡ଼ାର ଯେତିକି ଅଂଶ ବର୍ତ୍ତମାନ ଅଛି, ତାକୁ ସୁଦୃଢ଼ କରାଯାଇଛି । ମନ୍ଦିରର ବେଢ଼ାରୁ ବହୁପରିମାଣର ଧ୍ୱଂସସ୍ତୂପ ଓ ବାଲି ପରିଷ୍କୃତ ହୋଇଛି, ପଥରରେ ନିର୍ମିତ ବଡ଼ ବଡ଼ ମୂର୍ତ୍ତିଗୁଡ଼ିକୁ ପ୍ରାଙ୍ଗଣ ମଧ୍ୟରେ ବେଦୀ ଉପରେ ବସାଇ ଦିଆଯାଇଛି ଏବଂ ଏହି ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଲାଗି ଆଜି ଅନେକଗୁଡ଼ିଏ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

ଏହି ମନ୍ଦିରଟିକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ସେହିଦିନଠାରୁ ନିରବଚ୍ଛିନ୍ନ ଭାବରେ ଯତ୍ନ ନିଆ-ଯାଉଛି । ଗତ ୧୯୫୦ ମସିହାରେ ଏହି ମନ୍ଦିରର ସୁରକ୍ଷା ବିଷୟ ବିଚାର କରିବା ପାଇଁ ଭାରତ ସରକାର ପ୍ରତ୍ନତାତ୍ତ୍ୱିକ ସଂରକ୍ଷଣକାରୀ, ଇଞ୍ଜିନିଅର, ଶିଳ୍ପୀ, ସ୍ଥାଣୀତତ୍ତ୍ୱବିତ୍ ଓ ରସାୟନବିତ୍‌ମାନଙ୍କୁ ନେଇ ଗୋଟିଏ ବିଶେଷଜ୍ଞ କମିଟି ନିଯୁକ୍ତ କରିଥିଲେ ।

ମୁଖଶାଳା ମଧ୍ୟରେ ଆର୍ଦ୍ରତା ପରୀକ୍ଷା କରିବା, ମନ୍ଦିରର ଭଗ୍ନାବଶେଷକୁ ସମ୍ପୂର୍ଣ୍ଣ ଜଳରୋଧୀ କରିବା, ମନ୍ଦିର ବେଢ଼ାରୁ ବାଲୁକାରାଶି ପରିଷ୍କାର କରିବା ଏବଂ ସ୍ଥାପତ୍ୟପୂର୍ଣ୍ଣ ମନ୍ଦିର ଗାତ୍ରର ରସାୟନିକ ସୁରକ୍ଷା କରିବାପାଇଁ ମୁଖ୍ୟତଃ କମିଟି ସୁପାରିଶ କରିଥିଲେ ।

କମିଟିର ଏହି ସୁପାରିଶଗୁଡ଼ିକ ପ୍ରତି ବିଶେଷ ଭାବରେ ଦୃଷ୍ଟି ଦିଆଯାଉଛି । ବାଲି ସଫା କରାଯିବା ଫଳରେ ମନ୍ଦିର ବେଢ଼ା ପ୍ରାୟ ତାର ପୂର୍ବସ୍ତରକୁ ଆସିଯିବା ସଙ୍ଗେ ସଙ୍ଗେ ମନ୍ଦିର ବେଢ଼ାର ଚତୁଃପାର୍ଶ୍ୱରେ ଥିବା ପ୍ରାଚୀରରେ କେତେକ ଗୃହ ଓ ଦ୍ୱାରଦେଖାଗଲାଣି । ଏଗୁଡ଼ିକ ଏଠାରେ ମିଳିବ ବୋଲି

ପୂର୍ବରୁ କଳ୍ପନା ସୁଦ୍ଧା କରାଯାଇ ନ ଥିଲା । କେତେକ ମରାମତି କରାଯିବା ପରେ ସ୍ଥାନର ଉତ୍ତର ଅଂଶରେ ପାଣି ଜମିବାର କିମ୍ବା ଭିତରକୁ ପାଣି ଗଳିବାର ସମ୍ଭାବନା ଆଉ ନାହିଁ । ସମୁଦ୍ରଆଡ଼ୁ ପ୍ରବାହିତ ଲବଣାକ୍ତ ପବନର ଯଥାସମ୍ଭବ ପ୍ରତିରୋଧ କରିବାପାଇଁ ସମୁଦ୍ର କୂଳ ଆଡ଼କୁ ଝାଉଁଗଛର ବାଡ଼ କରାଯାଉଛି ।

ନିକଟରେ ରାସାୟନିକ ପଦ୍ଧତିରେ ସମ୍ମୁଖଭାଗର ପରିଷ୍କାର ଓ ସୁରକ୍ଷା କାର୍ଯ୍ୟ ଆରମ୍ଭ କରାଯିବ । ଏକ ଯାଦୁଘର ନିର୍ମାଣ ପ୍ରସ୍ତାବ ମଧ୍ୟ ସରକାରଙ୍କ ସ୍ୱୀକୃତି ପାଇଛି । ବର୍ତ୍ତମାନ ଗୋଟିଏ କ୍ଷୁଦ୍ର ସ୍ଥାପତ୍ୟ ମଣ୍ଡପରେ ସ୍ଥାନ ପାଇଥିବା ବିଭିନ୍ନ ଦ୍ରବ୍ୟ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାପତ୍ୟ ଦ୍ରବ୍ୟ ଏଠାରେ ସ୍ଥାନ ପାଇବ ।

ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ( ଲୋକସଂପର୍କ ) ବିଭାଗର ଅଭିନବ ଇଂରାଜୀ ପ୍ରକାଶନ

## VISIT ORISSA

ପ୍ରତିବର୍ଷ ଓଡ଼ିଶାର କୀର୍ତ୍ତି-ସମ୍ଭାର, ଶିଳ୍ପ-ସମୃଦ୍ଧି ଓ ପ୍ରାକୃତିକ ଦୃଶ୍ୟ-ବୈଭବ ଦେଖିବାକୁ ଯେଉଁ ପର୍ଯ୍ୟଟକମାନେ ସହସ୍ର ସହସ୍ର ସଂଖ୍ୟାରେ ଆସୁଅଛନ୍ତି, ସେମାନଙ୍କ ହାତରେ ଏ ବହିଟିର ଖଣ୍ଡେ ଖଣ୍ଡେ ରହିଲେ ସେମାନେ ଓଡ଼ିଶା ବିଷୟରେ ଯାବତୀୟ ପ୍ରୟୋଜନୀୟ ତଥ୍ୟ ଏଥିରୁ ଅବଗତ ହେବେ ଓ ଏଥିରେ ସନ୍ନିବିଷ୍ଟ ଚିତ୍ରାବଳୀରୁ ଦର୍ଶନୀୟ ସ୍ଥାନ ଓ ସାମଗ୍ରୀମାନଙ୍କ ବିଷୟରେ ସମ୍ୟକ୍ ଧାରଣା କରିପାରିବେ । ଓଡ଼ିଶାରେ ମଧ୍ୟ ସାଧାରଣ ପାଠକପାଠିକାଙ୍କ ଜ୍ଞାନବର୍ଦ୍ଧନ ଓ ମନୋରଞ୍ଜନ ନିମନ୍ତେ ଏଥିରେ ଅନ୍ୟତ୍ର-ଅପ୍ରାପ୍ୟ ବହୁତ ବିଷୟ ରହିଅଛି ।

ମୂଲ୍ୟ—ପ୍ରତିଖଣ୍ଡ ଟ ୧୯ ମାତ୍ର ( ରେଜିଷ୍ଟ୍ରି ଡାକରେ ନେଲେ ମାସୁଲ ଅଧିକା ପଡ଼ିବ )

ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ—

( ୧ ) ସ୍ୱରାଷ୍ଟ୍ର ( ଲୋକସମ୍ପର୍କ ) ବିଭାଗ ଅଫିସ
ପୋ: ଅ: କ୍ୟାପିଟାଲ୍, ଭୁବନେଶ୍ୱର
( ପୁରୀ ) ଓଡ଼ିଶା


( ୨ ) ଆପଣଙ୍କ ଜିଲ୍ଲାର ଲୋକସମ୍ପର୍କ ଅଫିସ



ପୁରୀଠାରେ ଅନୁଷ୍ଠିତ ବିଶ୍ୱ-ସଂସ୍କୃତ ପରିଷଦର ଅଧିବେଶନ ଆରମ୍ଭ ହେବା ପୂର୍ବରୁ
ପୁରୋହିତ ମହାପାତ୍ରଙ୍କର ରାଷ୍ଟ୍ରପତିଙ୍କ ହସ୍ତରେ ଶ୍ରୀଫଳ ଅର୍ପଣ କରୁଛନ୍ତି



ବିଶ୍ୱ-ସଂସ୍କୃତ ପରିଷଦର ଅଧିବେଶନରେ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଉଦବୋଧନ ଦେଉଅଛନ୍ତି




ବିଶ୍ୱ-ସଂସ୍କୃତ ପରିଷଦର ଦ୍ୱିତୀୟ ଅଧିବେଶନର ଅଭ୍ୟର୍ଥନା ସମିତିର ସଭାପତି ଡକ୍ଟର ମହତାବ ତାଙ୍କ ଅଭିଭାଷଣ ପାଠ କରୁଛନ୍ତି



ବିଶ୍ୱ ସଂସ୍କୃତ ପରିଷଦର ସଭାପତି ଶ୍ରୀ କେ.ଏମ୍. ମୁନସୀ ପୁଣା ଅଧିବେଶନରେ ଅଭିଭାଷଣ ଦେଉଛନ୍ତି

ଶ୍ରୀ କେ. ଏମ୍. ମୁନସି ପରିଷଦର ଅନ୍ୟାନ୍ୟ ସଭ୍ୟଙ୍କ ସହିତ ଆଲୋଚନା କରୁଛନ୍ତି





ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ ଶ୍ରୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ସଭାପତିତ୍ୱରେ ନୂଆ ଦିଲ୍ଲୀଠାରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀର କାର୍ଯ୍ୟ ଚାଲିଛି

# ଓଡ଼ିଶାରେ ରାଷ୍ଟ୍ରପତି

## ବିଶ୍ୱ-ସଂସ୍କୃତ ପରିଷଦ ଅଧିବେଶନରେ ଯୋଗଦାନ ଓ ରକ୍ତ ଭଣ୍ଡାର ଭବନ ଉଦ୍‌ଘାଟନ

ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ଗତ ମାର୍ଚ୍ଚ ମାସ ୨୯ ତାରିଖରେ ସିଧାସଳଖ ଦକ୍ଷିଣ-ପୂର୍ବ ଏସିଆ ଭ୍ରମଣରୁ ଫେରି ଭୁବନେଶ୍ୱରରେ ପହଞ୍ଚିଥିଲେ ଓ ଭୁବନେଶ୍ୱରଠାରେ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ପୂର୍ଣ୍ଣ ବିଶ୍ରାମ ନେଇଥିଲେ । ଏପ୍ରିଲ ୨ ତାରିଖରେ ରାଷ୍ଟ୍ରପତି ଭୁବନେଶ୍ୱରଠାରୁ କୋଣାର୍କ ଯାତ୍ରା କରିଥିଲେ ଓ କୋଣାର୍କ ମନ୍ଦିର ପରିଦର୍ଶନ କରି ସେଠାରୁ ପୁରୀକୁ ଯାଇଥିଲେ । ଏପ୍ରିଲ ୩ ତାରିଖ ସକାଳବେଳା ପୁରୀଠାରେ ଅନୁଷ୍ଠିତ ବିଶ୍ୱସଂସ୍କୃତ ପରିଷଦର ଷଷ୍ଠ ଅଧିବେଶନରେ ସେ ସଭାପତିତ୍ୱ କରିଥିଲେ । ଲୋକସଭାର ଅଧ୍ୟକ୍ଷ ଶ୍ରୀ ଅନନ୍ତଶୟନମ୍ ଆୟଙ୍ଗାରଙ୍କ ସମେତ ଭାରତର ବିଭିନ୍ନ ଅଞ୍ଚଳରୁ ପ୍ରାୟ ଏକହଜାର ପର୍ଯ୍ୟନ୍ତ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ବିଶ୍ୱସଂସ୍କୃତ ପରିଷଦର ପୂର୍ଣ୍ଣାଙ୍ଗ ବୈଠକରେ ଡକ୍ଟର କେ. ଏମ୍. ମୁନ୍‌ସି ସଭାପତିତ୍ୱ କରିଥିଲେ । ଏହି ଅଧିବେଶନରେ ଭାଷଣ ଦେଇ ରାଷ୍ଟ୍ରପତି କହିଥିଲେ ଯେ, କଳାତ୍ମକ ପ୍ରବୃତ୍ତି ତଥା ପ୍ରାଚୀନ ସାଂସ୍କୃତିକ ଓ ଧର୍ମଗତ ପ୍ରେରଣାକୁ ଆଧାର କରି ଉତ୍କଳବାସୀ ଏହି ଦେଶର ଇତିହାସରେ ମହତ୍ତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଛନ୍ତି । ସଂସ୍କୃତ ଭାଷା ସମ୍ପର୍କରେ ସେ କହିଲେ ଯେ, ଏହା ସମଗ୍ର ଭାରତର ଭାଷା । ସଂସ୍କୃତ ଭାଷା କୌଣସି ଭାରତୀୟ ଭାଷାର ପ୍ରତିଦ୍ୱନ୍ଦ୍ୱୀ ନୁହେଁ । ଆଜି ସ୍ୱାଧୀନ ଭାରତର ଆଞ୍ଚଳିକ ଭାଷାଗୁଡ଼ିକର ସମୃଦ୍ଧି ଓ ବିକାଶପାଇଁ ଉଦ୍ୟମ ହେଲାବେଳେ ସଂସ୍କୃତ ଭାଷାର ସହାୟତା ଅନିବାର୍ଯ୍ୟ ବୋଲି ମନେହେଉଛି । ସଂସ୍କୃତ ଭାଷା ବିଭିନ୍ନ ଭାଷାକୁ ବିମଣ୍ଡିତ କରୁଛି । ଏ ଭାଷାରେ ବିପୁଳ ଜ୍ଞାନ-ଭଣ୍ଡାର ରହିଛି । ସମଗ୍ର ଭାରତୀୟ ସଂସ୍କୃତି ଏହି ଭାଷାକୁ ଭିତ୍ତି କରି ଗଢ଼ିଉଠିଛି । ଆମ ଦେଶର ଏକତା ଦିଗରେ ସଂସ୍କୃତ ଭାଷା ପ୍ରଧାନ ସହାୟକ ବୋଲି ସେ ମତ ପ୍ରକାଶ କରିଥିଲେ ।

ସଂସ୍କୃତ ବିଶ୍ୱ-ପରିଷଦର ପୂର୍ଣ୍ଣାଙ୍ଗ ବୈଠକରେ ସଭାପତିତ୍ୱ କରି ଶ୍ରୀଯୁକ୍ତ କେ. ଏମ୍. ମୁନସି କହିଲେ ଯେ, ସ୍ୱାଧୀନତା ଲାଭ ପୂର୍ବରୁ ସଂସ୍କୃତ ଭାଷାର ଆବଶ୍ୟକତାକୁ ଆମେ ଯେପରି ଗ୍ରହଣ କରି ନେଇଥିଲୁ, ସ୍ୱାଧୀନତାପ୍ରାପ୍ତି ପରେ ଆମର ସେ ଭାବ ବଦଳିଯିବା ଦୁଃଖର କଥା । ବର୍ତ୍ତମାନ ସଂସ୍କୃତ ପରିବର୍ତ୍ତେ ବିଭିନ୍ନ ଆଞ୍ଚଳିକ ଭାଷାର ପ୍ରସାର ପାଇଁ ଯେପରି ଉତ୍ସାହ ପ୍ରକାଶ ପାଉଛି, ସେଥିରେ ସଂସ୍କୃତ ଭାଷା ଶିକ୍ଷା ମିଶିଗଲେ ଆମର ସାଂସ୍କୃତିକ ଏକତା ଆହୁରି ଦୃଢ଼ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ଏହି ଅଧିବେଶନରେ ଭାଷଣ ଦେଇ ଓଡ଼ିଶାର ରାଜ୍ୟପାଳ ଶ୍ରୀ ସୁଖ୍‌ଠଣକର କହିଲେ ଯେ, ସଂସ୍କୃତ ଭାଷାର ଉତ୍ତରୋତ୍ତର ପ୍ରସାର ଓ ଶିକ୍ଷା ପାଇଁ ଉଦ୍ୟମ କରାଗଲେ ଅଦୂର ଭବିଷ୍ୟତରେ ଚାରିଆଡ଼େ ଲୋକେ ସଂସ୍କୃତ ଭାଷାରେ କଥାବାର୍ତ୍ତା ହେବେ ଏବଂ ଏହା ଆଉ କଷ୍ଟକର ବା ମୃତଭାଷା ହୋଇ ରହିବ ନାହିଁ । ସଂସ୍କୃତ ସାହିତ୍ୟ ଓ ଗ୍ରନ୍ଥମାନଙ୍କରେ ଲିପିବଦ୍ଧ ଶାଶ୍ୱତ ସତ୍ୟ କେବଳ ପୋଥିରେ ଆବଦ୍ଧ ନ ରହି ସାଧାରଣ

ଲୋକଙ୍କ ଦୈନନ୍ଦିନ ଜୀବନରେ ଆବଶ୍ୟକ ଅଙ୍ଗ ହେବା ଦରକାର ।

## ଗୋପବନ୍ଧୁଙ୍କ ମୂର୍ତ୍ତି ଉନ୍ମୋଚନ

୪ ତାରିଖ ସକାଳେ ୮ଟା ବେଳେ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ ପୁରୀ ସିଂହଦ୍ୱାର ନିକଟରେ ପ୍ରତିଷ୍ଠିତ ଉତ୍କଳମଣି ଗୋପବନ୍ଧୁଙ୍କ ପୂର୍ଣ୍ଣାବୟବ ମର୍ମର ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ । ସକାଳ ସାଢ଼େ ୭ଟା ବେଳେ ରାଷ୍ଟ୍ରପତି ସପରିବାରରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ଦର୍ଶନ କରିବାକୁ ଯାଇଥିଲେ ।

## କଟକଠାରେ ରକ୍ତଭଣ୍ଡାର ଭବନ ଉଦ୍‌ଘାଟନ

୪ ତାରିଖ ସନ୍ଧ୍ୟାବେଳେ ରାଷ୍ଟ୍ରପତି ଓଡ଼ିଶା ରେଡ଼କ୍ରସ ସମିତି ଉଦ୍ୟମରେ ପ୍ରତିଷ୍ଠିତ ଓଡ଼ିଶା ରକ୍ତଭଣ୍ଡାର ଭବନ ଉଦ୍‌ଘାଟନ କରିଥିଲେ । ଏହି ଭବନ ଉଦ୍‌ଘାଟନ କରି ସେ କହିଲେ ଯେ ରୋଗ-ବ୍ୟାଧିଗ୍ରସ୍ତ ଦରିଦ୍ର ଜନସାଧାରଣଙ୍କ ସେବା ରେଡ଼କ୍ରସ ଅନୁଷ୍ଠାନର ଆଦର୍ଶ । ପୂର୍ଣ୍ଣାଙ୍ଗ ରକ୍ତଭଣ୍ଡାର ପ୍ରତିଷ୍ଠିତ ହେବାରେ ଏହି ଆଦର୍ଶ ପୂର୍ଣ୍ଣ ହେବ ।

ପୂର୍ଣ୍ଣାଙ୍ଗ ରକ୍ତଭଣ୍ଡାର ପ୍ରତିଷ୍ଠାଦ୍ୱାରା ପ୍ରଦେଶର ବିଭିନ୍ନ ଡାକ୍ତରଖାନାକୁ ରକ୍ତ ଯୋଗାଯାଇ ପାରିବ ଓ ପ୍ରଦେଶର ବିଭିନ୍ନ ସ୍ଥାନରୁ ରକ୍ତ ସଂଗ୍ରହ କରାଯିବ । ଏହି ରକ୍ତଭଣ୍ଡାର ନିର୍ମାଣଲାଗି ଦାନସୂତ୍ରରେ, ନୃତ୍ୟଗୀତ ଅନୁଷ୍ଠାନ ଓ ଲଟେରୀ ଆଦିରୁ ମୋଟରେ ୩ ଲକ୍ଷ ୧୫ ହଜାର ଟଙ୍କା ସଂଗୃହୀତ ହୋଇଛି । ଏହି ରକ୍ତ-ଭଣ୍ଡାର ନିର୍ମାଣ ରାଜ୍ୟପାଳ ଶ୍ରୀ ସୁକ୍‌ଠଣକର ବିଶେଷତଃ ଶ୍ରୀମତୀ ସୁକଠଣକରଙ୍କ ଅକ୍ଲାନ୍ତ ଉଦ୍ୟମଯୋଗୁ ସମ୍ଭବ ହୋଇ ପାରିଛି ।

## କେତୋଟି ଜାଣିବା କଥା

ଭାରତରେ ପ୍ରତିଷ୍ଠିତ ତିନୋଟି ତୈଳ ବିଶୋଧନ କାରଖାନାରେ ଶୋଧନ କରିବା ଉଦ୍ଦେଶ୍ୟରେ ବିଦେଶରୁ ୩୦ ଲକ୍ଷ ଟନରୁ ଊର୍ଦ୍ଧ୍ୱ ଅଶୋଧିତ ତୈଳ ଆମଦାନୀ କରାଯାଏ । କିନ୍ତୁ ଏହା ଦେଶର ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ନୁହେଁ । ତେଣୁ ବିଦେଶରୁ କିରାସିନ ତେଲ ଓ ଡିଜେଲ ତେଲ ଆମଦାନୀ କରାଯାଇଥାଏ ।


ସମଗ୍ର ତୈଳ ଆମଦାନୀ ବାଣିଜ୍ୟ ବିଦେଶୀ କମ୍ପାନିମାନଙ୍କ ଉପରେ ନ୍ୟସ୍ତ ଅଛି । ସେମାନେ ଅଶୋଧିତ ତୈଳ ଆମଦାନୀ କରି ନିଜ ନିଜ କାରଖାନାରେ ତାହା ଶୋଧନ କରନ୍ତି । ଅଧିକା ଯେଉଁ କିରାସିନ ଓ ଡିଜେଲ ତୈଳ ଆବଶ୍ୟକ ହୁଏ ତାହା ସେମାନଙ୍କ ଜରିଆରେ ଆମଦାନୀ କରାଯାଇ ସେମାନଙ୍କ ବଣ୍ଟନକାରୀ ସଂସ୍ଥାମାନଙ୍କ ଜରିଆରେ ବଣ୍ଟନ କରାଯାଇଥାଏ ।



ରାଷ୍ଟ୍ରପତି ଡାଃ ରାଜେନ୍ଦ୍ର ପ୍ରସାଦ କଟକଠାରେ ନିର୍ମିତ
ରକ୍ତଭଣ୍ଡାର ଭବନ ଉଦ୍‌ଘାଟନ କରୁଛନ୍ତି



ରାଷ୍ଟ୍ରପତି ରକ୍ତଭଣ୍ଡାର ଭବନ
ଉଦ୍‌ଘାଟନ କରିବା ପରେ ଗୋଟିଏ
ନଡ଼ିଆ ବାଡ଼େଇ ଫୋଡୁଛନ୍ତି



କଟକଠାରେ ରକ୍ତଭଣ୍ଡାର ଭବନ ଉନ୍ମୋଚନ ଅବସରରେ ଜଣେ ମେଡ଼ିକାଲ ଛାତ୍ର ରକ୍ତ ଦାନ କରୁଛନ୍ତି



ରେଡ଼ କ୍ରସ ଅନୁଷ୍ଠାନର ଓଡ଼ିଶା ଶାଖା କମିଟିର ସଭ୍ୟମାନଙ୍କ ଶତପଥୀଙ୍କ
ସହିତ ପରିଚୟ କରାଇ ଦିଆଯାଉଛି



# ଚନ୍ଦ୍ରଙ୍କ ପାଖକୁ ବାଟ

## ( ଗୋଟିଏ ପୁରୁଣା ଭାରତୀୟ ଗଳ୍ପ )

ଦିନେ ଛୋଟ ମାଙ୍କଡ଼ମାନେ ଏକଜୁଟ ହୋଇ ଜଙ୍ଗଲରେ ସଭା କଲେ। ସେମାନେ କହିଲେ, "ଆମ ବାପ ମାଆମାନେ ସବୁବେଳେ କହୁଛନ୍ତି ଆମେ ପିଲା ଓ କିଛି ଜାଣୁନା।" ସେମାନେ ବାକି କହିଲେ "ଆମେ ପିଲା ନୋହୁଁ।"

ସେମାନଙ୍କ ମଧ୍ୟରେ ଯେ ମୁଖିଆ ଥିଲା ସେ କହିଲା, "ଆମେ ତାହା ପ୍ରମାଣ କରିବା। ଆମେ ସମସ୍ତେ ଗୋଟାଏ ଦଳ ଗଢ଼ିବା ଓ ଯାହା ଇଚ୍ଛା ତାହା କରିବା।"

ସଭା ସରିବା ପରେ ସମସ୍ତେ ସମସ୍ତଙ୍କ ଘରକୁ ଗଲେ। ସେ ଦିନ ରାତିରେ ସେମାନେ ସେମାନଙ୍କ ବାପ ମାଆଙ୍କ ପାଖରେ ଶୋଇଲେନାହିଁ। ସମସ୍ତେ ଗୋଟାଏ ଜଳବାନ୍ଧ ହ୍ରଦ କୂଳରେ ଥିବା ଗଛର ଅଗ ଡାଳରେ ଯାଇ ଶୋଇଲେ।

ପ୍ରାୟ ଅଧ ରାତିରେ ଗୋଟିଏ ଛୋଟ ମାଙ୍କଡ ଉଠିପଡ଼ି ଚିତ୍କାର କଲା, 'ବନ୍ଧୁବର୍ଗ! ଉଠିପଡ଼, ଉଠିପଡ଼। ଚନ୍ଦ୍ର ସମୁଦ୍ର ଭିତରେ ପଡ଼ି ଯାଇଛନ୍ତି। ଅନ୍ୟ କେହି ଯିବା ଆଗରୁ ଚାଲ ଆମେ ତାଙ୍କୁ ଉଠାଇ ଆଣିବା।"

ତା'ର ବନ୍ଧୁମାନେ କହି ଉଠିଲେ, "ବାସ୍ତବିକ୍ ଏହା ଭଲ କଥା। ଆମେ କେତେ ନାମଜାଦା ହୋଇଯିବା।"

ମୁଖିଆ ମାଙ୍କଡ଼ କହିଲା, "ସେହି ଚନ୍ଦ୍ରଙ୍କ ପାଖରେ ପହଞ୍ଚିବାକୁ ହେଲେ ଆମକୁ ଗୋଟାଏ ଶିକୁଳି ଗଢ଼ିବାକୁ ହେବ।" ତେଣୁ ପ୍ରତ୍ୟେକ ପ୍ରତ୍ୟେକର ଲାଞ୍ଜ ଧରି ଗୋଟାଏ ବଡ଼ ଶିକୁଳି ଗଢ଼ିଲେ। ଶେଷରେ ଚନ୍ଦ୍ରଙ୍କୁ ଧରିବାକୁ ଯାଇ ପ୍ରଥମେ ମୁଖିଆ ମାଙ୍କଡ଼ ଓ ତାପରେ ଅନ୍ୟାନ୍ୟମାନେ ଧସ୍ କରି ପାଣି ଭିତରେ ପଡ଼ିଗଲେ ଓ ମଲେ।

ଉପଦେଶ—ଯେଉଁମାନେ ଜାଣନ୍ତି ବୋଲି ଭାବନ୍ତି ସେମାନଙ୍କର ଉପଦେଶ ପ୍ରତି ସାବଧାନ। ଯେଉଁମାନେ ପ୍ରକୃତରେ ଜାଣନ୍ତି ସେମାନଙ୍କର ଉପଦେଶ ଗ୍ରହଣ କରନ୍ତୁ। ବନସ୍ପତି କଥା ବିଚାର କରନ୍ତୁ। ସ୍ୱାସ୍ଥ୍ୟ ଓ ଖାଦ୍ୟ ବିଷୟରେ ଦକ୍ଷ ବିଶେଷଜ୍ଞମାନେ ସ୍ୱୀକାର କରନ୍ତି ଯେ ବନସ୍ପତି ଗୋଟିଏ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ଏବଂ ଭାରତୀୟ ଖାଦ୍ୟ ପଦାର୍ଥର ଗୋଟିଏ ବିଶିଷ୍ଟ ଅଙ୍ଗ।

ଡାଲଡା ବନସ୍ପତି—

ଅସଂଖ୍ୟ ଗୃହିଣୀ ବିଶ୍ୱାସ ରଖିଥିବା 'ଡାଲଡା' ସରକାରଙ୍କର କଡ଼ା ନିର୍ଦ୍ଦେଶ ଅନୁଯାୟୀ ବିଶୁଦ୍ଧ ଭେଷଜ ତେଲରୁ ତିଆରି। ଏହା ଗୋଟିଏ ସବୁ ପ୍ରକାର ରାନ୍ଧଣାର ମାଧ୍ୟମ। ଏହା ଶକ୍ତି ଦାୟକ ସ୍ନେହ ଜାତୀୟ ପଦାର୍ଥ ପ୍ରଚୁର ପରିମାଣରେ ଯୋଗାଏ। 'ଡାଲଡା' ଖୁବ୍ ପୁଷ୍ଟିକର ମଧ୍ୟ। ପ୍ରତ୍ୟେକ ଆଉନ୍ସରେ ୭୦୦ ଇଣ୍ଟର ନେସନାଲ ଇଉନିଟ୍ ଭିଟାମିନ୍ 'ଏ' ଓ ୫୬ ଇଣ୍ଟର ନେସନାଲ ଇଉନିଟ ଭିଟାମିନ୍ 'ଡି' ଯୋଗ କରାଯାଏ। ବାସ୍ତବିକ୍ 'ଡାଲଡା' ଯେ କେବଳ ରାନ୍ଧଣାର ମାଧ୍ୟମ ତାହା ନୁହେଁ—ଏହା ଖୁବ୍ ପୁଷ୍ଟିକର ମଧ୍ୟ।

ହିନ୍ଦୁସ୍ତାନ ଲିଭର ଲି., ବମ୍ବେ

# କମ୍ୟୁନିଟି ରେଡ଼ିଓ ରଖିଥିବା ଅନୁଷ୍ଠାନମାନଙ୍କ ଜାଣିବା କଥା

ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ (ଲୋକସମ୍ପର୍କ) ବିଭାଗ ପକ୍ଷରୁ ଦିଆଯାଇଥିବା କମ୍ୟୁନିଟି ରେଡ଼ିଓଗୁଡ଼ିକ ଯେଉଁ ଅନୁଷ୍ଠାନମାନଙ୍କ ନିକଟରେ ଅଛି ବା ଭବିଷ୍ୟତରେ ଯେଉଁମାନଙ୍କ ନିକଟରେ ରହିବ, ସେମାନଙ୍କ ସୁବିଧା ପାଇଁ ସ୍ୱାସ୍ଥ୍ୟ (ଲୋକସମ୍ପର୍କ) ବିଭାଗ ପକ୍ଷରୁ ପ୍ରତି ଜିଲ୍ଲା ପାଇଁ ଜଣେ ଜଣେ ରେଡ଼ିଓ ଇନ୍‌ସପେକ୍ଟର ନିଯୁକ୍ତ ହୋଇଛନ୍ତି । ସେମାନେ ରେଡ଼ିଓଗୁଡ଼ିକ ଠିକ୍ କରି ଦେବେ ଏବଂ ଦରକାର ବେଳେ ରେଡ଼ିଓଗୁଡ଼ିକ ବିନା ଫିସ୍‌ରେ ମରାମତି କରିଦେବେ । ଆବଶ୍ୟକୀୟ ରେଡ଼ିଓ ପାର୍ଟସ ମାରଫତଦାରଙ୍କୁ ଯୋଗାଇବାକୁ ପଡ଼ିବ । ରେଡ଼ିଓ ଇନ୍‌ସପେକ୍ଟରଙ୍କ ନାମ ଓ ହେଡ଼କ୍ୱାର୍ଟରସ 'ଉତ୍କଳ ପ୍ରସଙ୍ଗ'ରେ ଆଗରୁ ଜଣାଇ ଦିଆଯାଇଛି । ରେଡ଼ିଓ କିଛି ଖରାପ ହେଲେ ଜିଲ୍ଲା ଲୋକସମ୍ପର୍କ ବିଭାଗ ଅଫିସରଙ୍କୁ ଜଣାଇଲେ ସେମାନେ ଆସି ମରାମତି କରିଦେବେ । ରେଡ଼ିଓ ସଂପର୍କୀୟ ଆବଶ୍ୟକୀୟ ସମ୍ବାଦ ରେଡ଼ିଓ ଇନ୍‌ସପେକ୍ଟରମାନଙ୍କଠାରୁ ମିଳି ପାରିବ ।

ଯେଉଁମାନେ ରେଡ଼ିଓ ପାଇଁ ଆଗରୁ ଟଙ୍କା ପଠାଇବାକୁ ଚାହାନ୍ତି, ସେମାନେ ଆସେମ୍ବ୍ଲି ସଭ୍ୟ, ସ୍ଥାନୀୟ ପଞ୍ଚାୟତର ସରପଞ୍ଚ କିମ୍ବା କୌଣସି ଗେଜେଟେଡ଼ ଅଫିସରଙ୍କର ଏବଂ ଅନ୍ୟାନ୍ୟ ସ୍ଥାନୀୟ ସୁପାରିଶ ସହ ଟ ୨୫୦ ଜିଲ୍ଲା ଲୋକସମ୍ପର୍କ ଅଫିସରଙ୍କଠାରେ ଜମା ଦେଇ ପାରନ୍ତି । ପ୍ରତି ରେଡ଼ିଓ ପାଇଁ ବର୍ଷକୁ ୨ଟି ବ୍ୟାଟେରୀ ଦରକାର ହେବ ଓ ତାର ଦାମ ଆନୁମାନିକ ଟ ୧୦୦ ହେବ ଓ ଲାଇସେନ୍‌ସ ପାଇଁ ଟ ୧୦ ପଡ଼ିବ—**ଏହିପରି ବାର୍ଷିକ ଟ ୧୬୦ ଦେବାଭଳି ଯେଉଁ ଅନୁଷ୍ଠାନମାନଙ୍କର ଶକ୍ତି ଥିବ, କେବଳ ସେହିମାନେ ରେଡ଼ିଓ ପାଇଁ ଟଙ୍କା ଜମା କରି ଦରଖାସ୍ତ କରିବା ଦରକାର ।**

# ଆମ ରାଜ୍ୟ

## ବେତାର କାର୍ଯ୍ୟକ୍ରମରେ ଓଡ଼ିଶା କୃଷୀର ଚିଠି

**ଓଡ଼ିଶା** ଓ ଅନ୍ୟାନ୍ୟ ରାଜ୍ୟର ପ୍ରଗତିଶୀଳ କୃଷକମାନଙ୍କଠାରୁ ମିଳୁଥିବା ଚିଠି ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ପ୍ରସାରଣ କରାଯାଉଛି । ଓଡ଼ିଶାର ବେତାର ଶ୍ରୋତାମାନେ ବଡ଼ ଆଗ୍ରହର ସହିତ ଏହା ଶୁଣୁଛନ୍ତି । ଅନ୍ୟାନ୍ୟ ରାଜ୍ୟର କୃଷକମାନଙ୍କ ଚିଠି ସେହିସବୁ ରାଜ୍ୟର ବେତାର କେନ୍ଦ୍ର ଜରିଆରେ ମିଳୁଛି । ସେହିପରି କଟକ କେନ୍ଦ୍ରରେ ଓଡ଼ିଶାର କୃଷକମାନଙ୍କଠାରୁ ଯେଉଁ ସବୁ ଚିଠି ମିଳୁଛି ସେଗୁଡ଼ିକୁ ଗ୍ରାମାଞ୍ଚଳ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତି ପାଇଁ ଅନ୍ୟାନ୍ୟ କେନ୍ଦ୍ରକୁ ପଠାଇ ଦିଆଯାଉଛି । ଦେଶର ବିଭିନ୍ନ ଅଞ୍ଚଳରେ କୃଷି ଅବସ୍ଥା ଉପରେ ଏବଂ କୃଷି ସମ୍ପର୍କରେ ଯ କ ଅଭିଜ୍ଞତା ଅର୍ଜ୍ଜନ କରାଯାଉଛି ତାହା କୃଷକମାନଙ୍କୁ ଜଣାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ।

ଆକାଶବାଣୀ କଟକ କେନ୍ଦ୍ର ଗ୍ରାମାଞ୍ଚଳ କାର୍ଯ୍ୟକ୍ରମ ଉପଦେଷ୍ଟା କମିଟିର ବୈଠକ ଅଳ୍ପ ଦିନତଳେ ମଧୁପୁର କୋଠିରେ ବସିଥିଲା । ଉକ୍ତ ବୈଠକରେ ଏ ବିଷୟରେ ସମସ୍ତେ ସନ୍ତୋଷ ପ୍ରକାଶ କରିଥିଲେ ।

“ଯୋଜନାକୁ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ନିଜକୁ ସାହାଯ୍ୟ କର” କାର୍ଯ୍ୟକ୍ରମ ପର୍ଯ୍ୟାୟରେ ହିରାକୁଦ କେନାଲ ଜଳସେଚିତ ଅଞ୍ଚଳର ଦୁଇଜଣ ପୁରସ୍କାର-ପ୍ରାପ୍ତ କୃଷୀଙ୍କ ସହ ସାକ୍ଷାତକାର ବିଶେଷ କୌତୂହଳୋଦ୍ଦୀପକ ହୋଇଥିଲା । ସେ ଦୁଇଜଣଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଶ୍ରୀ ଭଗବାନ ବାରିକ । ସର୍ବାଧିକ ହାରରେ ଧାନ ଅମଳ କରି ସେ ରାଜ୍ୟ ସରକାରଙ୍କ ପୁରସ୍କାର ଲାଭ କରିଛନ୍ତି । ଅନ୍ୟ ଜଣକ ହେଉଛନ୍ତି ଶ୍ରୀ ମିଦଣ୍ଡୁ ହୋଇ । ଉଲ୍ଲେଖଯୋଗ୍ୟ କୃଷିକାମ ଯୋଗେ ସେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛନ୍ତି ।

---

## ଦ୍ୱିତୀୟ ଯୋଜନା କାଳରେ ଓଡ଼ିଶାକୁ କେନ୍ଦ୍ର ସରକାରଙ୍କ ସାହାଯ୍ୟ

**ଯୋଜନା** କମିଶନଙ୍କ ସ୍ୱୀକୃତ କ୍ରମେ ରାଜ୍ୟ ସରକାରଙ୍କ ଦାୟିତ୍ୱରେ ପ୍ରବର୍ତ୍ତିତ ହୋଇଥିବା ବିବିଧ ଉନ୍ନୟନ ପରିକଳ୍ପନା ପାଇଁ ଭାରତ ସରକାର ଋଣ ସୂତ୍ରରେ ସାହାଯ୍ୟ ଦେଇଛନ୍ତି ।

ଶ୍ରୀ ପି· କେ· ଦେଓଙ୍କର ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କେନ୍ଦ୍ର ଜଳସେଚନ ଓ ବିଦ୍ୟୁତ ଉପମନ୍ତ୍ରୀ ଶ୍ରୀ ଜୟସୁଖଲାଲ ହାଥି ଲୋକ ସଭାରେ ଦେଇଥିବା ବିବୃତିରୁ ଏହା ଜଣାଯାଏ । ଶ୍ରୀ ଦେଓ ବିଦ୍ୟୁତ ଉତ୍ପାଦନ ବୃଦ୍ଧି ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହେଉଥିବା ବିବିଧ ପରିକଳ୍ପନା ପାଇଁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଓଡ଼ିଶାକୁ କି ପରିମାଣରେ କେନ୍ଦ୍ର ସାହାଯ୍ୟ ଓ ବୈଦେଶିକ ମୁଦ୍ରା ସାହାଯ୍ୟ ମିଳିଛି, ତାହା ଜାଣିବା ପାଇଁ ପ୍ରଶ୍ନ କରିଥିଲେ ।

ଶ୍ରୀ ହାଥିଙ୍କ ବିବୃତିରୁ ଜଣାଯାଏ ଯେ, ସ୍ୱୀକୃତିପ୍ରାପ୍ତ ପରିକଳ୍ପନାଗୁଡ଼ିକ ମଧ୍ୟରେ ବିଦ୍ୟୁତଶକ୍ତି ଉତ୍ପାଦନ

ବୃଦ୍ଧି ଉଦ୍ଦେଶ୍ୟରେ ହୋଇଥିବା ପରିକଳ୍ପନା ଅନ୍ତର୍ଭୁକ୍ତ ମାନ ସ୍ୱୀକୃତିପ୍ରାପ୍ତ ବିବିଧ ଉନ୍ନୟନ ପରିକଳ୍ପନା ପାଇଁ ମୋଟ ସାହାଯ୍ୟ ଦିଆଯାଇଥିବାରୁ କେଉଁ ପରିକଳ୍ପନା ପାଇଁ କେତେ ପରିମାଣର ସାହାଯ୍ୟ ଦିଆଯାଇଛି ତାର ସ୍ୱତନ୍ତ୍ର ହିସାବ ଦେବା ସମ୍ଭବ ନୁହେଁ । ଋଣ ଆକାରରେ ଦିଆଯାଇଥିବା ଅର୍ଥ ପରିକଳ୍ପନା ଗୁଡ଼ିକର ମୋଟ ଖର୍ଚ୍ଚ ତୁଳାଇବା ପାଇଁ ଯଥେଷ୍ଟ ନୁହେ । ରାଜ୍ୟ ସରକାର ପରିକଳ୍ପନା ଗୁଡ଼ିକର ଆଂଶିକ ଖର୍ଚ୍ଚ ନିଜ ଆୟରୁ ତୁଳାଇବେ । ବିବିଧ ଉନ୍ନୟନ ପରିକଳ୍ପନା ପାଇଁ ଓଡ଼ିଶା ସରକାରଙ୍କୁ ନିମ୍ନମତେ ଋଣ ଦିଆଯାଇଛି ।

| ବର୍ଷ | ବିବିଧ ଉନ୍ନୟନ କାର୍ଯ୍ୟ ପାଇଁ ଋଣ | ହୀରାକୁଦ ବନ୍ଧ ଯୋଜନା (ପ୍ରଥମ ପର୍ଯ୍ୟାୟ) ପାଇଁ ଋଣ | ବିଦ୍ୟୁତ୍ ଉତ୍ପାଦନ ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ଋଣ |
|---|---|---|---|
| ୧୯୫୬-୫୭ | ୬୧୦ ଲକ୍ଷ ଟଙ୍କା ... | ୯୩୭ ଲକ୍ଷ ଟଙ୍କା ... | ୩୮ ଲକ୍ଷ ଟଙ୍କା |
| ୧୯୫୭-୫୮ | ୩୫୦ ଲକ୍ଷ ଟଙ୍କା ... | ୭୩୧ ଲକ୍ଷ ଟଙ୍କା ... | ୪ ଲକ୍ଷ ଟଙ୍କା |
| ୧୯୫୮-୫୯ | ୫୭୦ ଲକ୍ଷ ଟଙ୍କା ... | ୫୯୭ ଲକ୍ଷ ଟଙ୍କା ... | — |

ଏହା ବ୍ୟତୀତ କଲମ୍ବୋ ଯୋଜନା ଅନୁଯାୟୀ କାନଡ଼ାରୁ ମିଳିଥିବା ପ୍ରାୟ ୫ ଲକ୍ଷ ୬୦ ହଜାର ଟଙ୍କା ମୂଲ୍ୟର ଡିଜେଲ୍ ଜେନେରେଟିଂ ସେଟ୍‌ଗୁଡ଼ିକ ଓଡ଼ିଶା ସରକାରଙ୍କୁ ଦିଆଯାଇଛି ।


ଏହି ବିବୃତିରୁ ଆହୁରି ମଧ୍ୟ ଜଣାଯାଏ ଯେ ଦ୍ୱିତୀୟ ଯୋଜନା କାଳରେ ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସରକାରଙ୍କୁ ୧୨୭ ଲକ୍ଷ ୩୩ ହଜାର ଟଙ୍କା ମୂଲ୍ୟର ବୈଦେଶିକ ମୁଦ୍ରା ମଞ୍ଜୁର କରାଯାଇଛି ।

## ଓଡ଼ିଶାରେ ବି. ସି. ଜି. ଆନ୍ଦୋଳନ

ଲୋକସଭାରେ ଶ୍ରୀ ପି. କେ. ଦେଓଙ୍କ ଏକ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଡି. ପି. କର୍ମରକାର ଜଣାଇଥିଲେ ଯେ, ଓଡ଼ିଶାରେ ବର୍ତ୍ତମାନ ବି. ସି. ଜି. ଟିକାଦେବା ପାଇଁ ୯ଟି ଦଳ କାର୍ଯ୍ୟ କରୁଛନ୍ତି । ଏହି ଦଳମାନଙ୍କରେ ୮ ଜଣ ଡାକ୍ତର, ୬୦ ଜଣ ଟେକ୍‌ନିସିଆନ୍, ୧୦ ଜଣ ଡ୍ରାଇଭର-ସହକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତ ଅଛନ୍ତି । ବ୍ୟାପକ ବି. ସି. ଜି. ଟିକା ଆନ୍ଦୋଳନରେ ୮ ଜଣ ମେଡ଼ିକାଲ ଅଫିସର୍ କାର୍ଯ୍ୟ କରୁଛନ୍ତି । ଉକ୍ତ ନଅଟି ଦଳ ବ୍ରହ୍ମପୁର, ଗଞ୍ଜାମ, ସମ୍ବଲପୁର ଓ କଟକରେ ନିଯୁକ୍ତ ଅଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ ଆହୁରି ମଧ୍ୟ ଜଣାଇଲେ ଯେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଶେଷ ସୁଦ୍ଧା ସମଗ୍ର ରାଜ୍ୟ ବି. ସି. ଜି. ଯୋଜନା ପରିସରଭୁକ୍ତ ହେବ ବୋଲି ଆଶା କରାଯାଏ ।

## ଓଡ଼ିଶାରେ ଶିକ୍ଷିତ ବେକାରଙ୍କ କର୍ମ ସଂସ୍ଥାନ

ଚଳିତ ଏପ୍ରିଲ ୭ ତାରିଖରେ ଲୋକସଭାରେ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶିକ୍ଷାମନ୍ତ୍ରୀ ଡକ୍ଟର କେ. ଏଲ୍. ଶ୍ରୀମାଳୀ ଜଣାଇଲେ ଯେ, ୧୯୫୮-୫୯ ମସିହାରେ ଶିକ୍ଷିତ ବେକାର ସମସ୍ୟା ଦୂର କରିବା ଦିଗରେ ନିର୍ଦ୍ଦିଷ୍ଟ କାର୍ଯ୍ୟ କ୍ରମ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାରଙ୍କୁ ତିନିଲକ୍ଷ ଟଙ୍କା ସାହାଯ୍ୟ ଦିଆଯାଇଛି । ସେ ଆହୁରି ମଧ୍ୟ କହିଲେ ଯେ ଏହି ବର୍ଷ ମଧ୍ୟରେ ଓଡ଼ିଶା ସରକାରଙ୍କ ଉପରେ ଏକ ହଜାର ଶିକ୍ଷକ ଓ ୨୨ ଜଣ ପରିଦର୍ଶକଙ୍କ କର୍ମସଂସ୍ଥାନର ଦାୟିତ୍ୱ ପଡ଼ିଥିଲା । ଯୋଜନାଟି ଯଦି ସୁଚାରୁ କାର୍ଯ୍ୟକାରୀ ହୋଇଥାଏ, ତେବେ ୧୯୫୮-୫୯ ମସିହା ସୁଦ୍ଧା ୧୦୨୨ ଜଣଙ୍କ କର୍ମସଂସ୍ଥାନ ହୋଇ ଯାଇଥିବ ।



ଗତ ତା ୨୪-୪-୬୯ ଶୁଣ ଦିନ ଭୁବନେଶ୍ୱର ଷ୍ଟେସନଠାରୁ ଓଡ଼ିଶା ସରକାରଙ୍କ ସାହାଯ୍ୟ ଓ ସହଯୋଗରେ କଣାକ ସ୍ପେଶାଲ୍ ଟ୍ରେନ ୪୫୦ ଯାତ୍ରୀଙ୍କୁ ନେଇ ଯାତ୍ରା ଆରମ୍ଭ କଲା । ଏହି ଟ୍ରେନଟି ପ୍ରାୟ ୨ ମାସ ଭାରତର ବିଭିନ୍ନ ଐତିହାସିକ ପ୍ରାଚୀନ କୀର୍ତ୍ତି ଓ ନିର୍ମାଣ ଯୋଜନା ଭ୍ରମଣ କରି ଫେରିଥିବ



ଫୁଲବାଣୀ ଜିଲ୍ଲାରେ ହଳଦ ଚାଷୀମାନଙ୍କର ଏକ ମୁଖ୍ୟ ଅର୍ଥକରୀ ଫସଲ । ଏଠାରେ ହଳଦ କଢ଼ାଯାଉଛି । ଉନ୍ନତ ଧରଣର ହଳଦ ଚାଷ ସମ୍ପର୍କରେ ଗବେଷଣା କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି ଜିଲ୍ଲାରେ ଏକ ଗବେଷଣା କେନ୍ଦ୍ର ସ୍ଥାପିତ ହୋଇଛି



ହର୍ଦ୍ଦପାଲି ଗ୍ରାମପଞ୍ଚାୟତର ମଧ୍ୟ ଇଂରାଜୀ ସ୍କୁଲ ହତାରେ ଉନ୍ନତ ଧରଣର ଧନିଆ ଚାଷ (ଲେଫ୍ରିପଡ଼ା ବ୍ଲକ)

## ଓଡ଼ିଶାର ଶିକ୍ଷା ଉନ୍ନୟନ କାର୍ଯ୍ୟକ୍ରମରେ କେନ୍ଦ୍ରର ସାହାଯ୍ୟ

ବିଭିନ୍ନ ରାଜ୍ୟର ୧୯୫୮-୫୯ ମସିହା ମଧ୍ୟରେ କାର୍ଯ୍ୟକାରୀ ହେଉଥିବା ଶିକ୍ଷା ଉନ୍ନୟନ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାର ମୋଟ ୧୧ କୋଟି ୩୧ ଲକ୍ଷ ଟଙ୍କାର ସାହାଯ୍ୟ ମଞ୍ଜୁର କରିଛନ୍ତି । ଏଥି ମଧ୍ୟରୁ ଓଡ଼ିଶାକୁ ୩୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହା ଛଡ଼ା ଆନ୍ଧ୍ରକୁ ୭୦ ଲକ୍ଷ ଟଙ୍କା, ବିହାରକୁ ଏକ କୋଟି ଟଙ୍କା, ମଧ୍ୟପ୍ରଦେଶକୁ ୭୪ ଲକ୍ଷ ଟଙ୍କା ଓ ପଶ୍ଚିମବଙ୍ଗକୁ ୧ କୋଟି ୫୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି ।

---

## ବିନାବେତନରେ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଓଡ଼ିଶାରେ ୩,୫୬୧ ଜଣ ପିଲା ଶିକ୍ଷା ପାଉଛନ୍ତି

ଲୋକସଭାରେ ଶ୍ରୀ ପାଣିଗ୍ରାହୀଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଡକ୍ଟର କେ. ଏଲ୍. ଶ୍ରୀମାଳୀ ଜଣାଇଛନ୍ତି ଯେ ୧୯୫୬-୫୭ ମସିହା ମଧ୍ୟରେ ସମଗ୍ର ଦେଶରେ ୬୩ ଲକ୍ଷ ୩୫ ହଜାର ୩ ଶହ ୩୫ ଜଣ ପିଲା ବିନାବେତନରେ ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ଲାଭ କରୁଛନ୍ତି । ଏଥି ମଧ୍ୟରୁ ଓଡ଼ିଶାରେ ଏହି ଶିକ୍ଷା ଲାଭ କରୁଥିବା ପିଲାଙ୍କ ସଂଖ୍ୟା ହେଉଛି ୩,୫୬୧ ।

ଅନ୍ୟାନ୍ୟ ରାଜ୍ୟରେ ଏହି ବ୍ୟବସ୍ଥା ଅନୁସାରେ କେତେ ପିଲା ଶିକ୍ଷା ପାଉଛନ୍ତି, ଶିକ୍ଷାମନ୍ତ୍ରୀ ତାର ହିସାବ ପ୍ରକାଶ କରିଥିଲେ ।

---

## ଛଉ ନୃତ୍ୟର ବିକାଶ ପାଇଁ ସଂଗୀତ ଏକାଡ଼େମିର ସାହାଯ୍ୟ

ଗତ ମାର୍ଚ୍ଚ ୨୩ ତାରିଖ ଦିନ ଲୋକସଭାରେ ଶ୍ରୀ ଏନ୍. ଏମ୍. ଦେବଙ୍କର ଏକ ପ୍ରଶ୍ନର ଉତ୍ତର ଦେଇ ବୈଜ୍ଞାନିକ ଗବେଷଣା ଓ ସାଂସ୍କୃତିକ ବ୍ୟାପାର ଉପମନ୍ତ୍ରୀ ଡକ୍ଟର ଏମ୍. ଏମ୍. ଦାସ କହିଲେ ଯେ ମୟୂରଭଞ୍ଜ ଓ ସରେଇକଳାର ଛଉ ନୃତ୍ୟର ବିକାଶ, ପ୍ରସାର ଓ ଛଉ ନୃତ୍ୟ ଶିକ୍ଷା ପାଇଁ ସଙ୍ଗୀତ ନାଟକ ଏକାଡ଼େମି ପକ୍ଷରୁ ବିଭିନ୍ନ ସଂଗଠନକୁ ସାହାଯ୍ୟ ଦିଆଯାଇଛି । ଛଉ ନୃତ୍ୟ ସମ୍ପର୍କରେ ଏକ ପୁସ୍ତକ ପ୍ରକାଶ କରିବା ବର୍ତ୍ତମାନ ଏକାଡ଼େମିର ବିଚାରାଧୀନ ଅଛି ।

---

## ଓଡ଼ିଶା ଖଣିରୁ ସର୍ବାଧିକ ପରିମାଣ ଲୁହାପଥର ଉତ୍ତୋଳନ

ଭାରତୀୟ ଖଣିବ୍ୟୁରୋଙ୍କ ହିସାବରୁ ପ୍ରକାଶ ଯେ ୧୯୫୯ ମସିହା ଜାନୁଆରୀ ମାସରେ ମୋଟ ୭ ଲକ୍ଷ ୪ ହଜାର ମେଟ୍ରିକ୍ ଟନ୍ ଲୁହାପଥର ଉତ୍ତୋଳନ କରାଯାଇଛି । ଏହାର ପୂର୍ବବର୍ତ୍ତୀ ମାସରେ ୭୯ ହଜାର ମେଟ୍ରିକ ଟନ ଉତ୍ତୋଳନ କରାଯାଇଥିଲା ।

ବିହାର ଓ ଓଡ଼ିଶାର ଖଣିମାନଙ୍କରୁ ହିଁ ସର୍ବାଧିକ ପରିମାଣରେ ଲୁହାପଥର ବାହାରୁଛି । ଆଲୋଚ୍ୟ ମାସରେ ବିହାର ଖଣିମାନଙ୍କରୁ ୨ ଲକ୍ଷ ୫୧ ହଜାର ମେଟ୍ରିକ୍ ଟନ୍ ଏବଂ ଓଡ଼ିଶା ଖଣିମାନଙ୍କରୁ ୧ ଲକ୍ଷ ୭୯ ହଜାର ମେଟ୍ରିକ୍ ଟନ୍ ଉତ୍ତୋଳନ କରାଯାଇଛି ।

ଆଲୋଚ୍ୟ ମାସ ମଧ୍ୟରେ ଲୁହା ଓ ଇସ୍ପାତ କାରଖାନାଗୁଡ଼ିକୁ ୩ ଲକ୍ଷ ୮୮ ହଜାର ମେଟ୍ରିକ୍ ଟନ୍ ଏବଂ ବିଦେଶୀ ବଜାରକୁ ୧ ଲକ୍ଷ ୪୧ ହଜାର ମେଟ୍ରିକ୍ ଟନ୍ ଲୁହାପଥର ପଠାଯାଇଛି ।

---

## ଓଡ଼ିଶାରେ ୧୨ଟି ପ୍ରାକ୍ ସଂପ୍ରସାରଣ ବ୍ଲକ୍ ଏହା ଛଡ଼ା ଓଡ଼ିଶାର ନଅଟି ପ୍ରାକ୍ ସଂପ୍ରସାରଣ ବ୍ଲକ୍ ପ୍ରଥମ ପର୍ଯ୍ୟାୟଭୁକ୍ତ ବ୍ଲକରେ ପରିଣତ ହେବ

ଚଳିତ ମାସରୁ ସମଗ୍ର ଦେଶ ପାଇଁ କେନ୍ଦ୍ର ସମୂହ ବିକାଶ ଓ ସମବାୟ ମନ୍ତ୍ରାଳୟ ୨୦୦ଟି ପ୍ରାକ୍-ସମ୍ପ୍ରସାରଣ ବ୍ଲକ୍ ବରାଦ କରିଛନ୍ତି ।

ଗୋଟିଏ ପ୍ରାକ୍-ସମ୍ପ୍ରସାରଣ ବ୍ଲକ୍ ଲାଗି ସର୍ବୋଚ୍ଚ ବ୍ୟୟ ୧୮,୮୦୦ ଟଙ୍କା ଧାର୍ଯ୍ୟ ହୋଇଛି ଏବଂ ପ୍ରତି ବ୍ଲକ୍‌ରେ ଅନ୍ତତଃ ଜଣେ ବ୍ଲକ୍ ଉନ୍ନୟନ ଅଫିସର, ଜଣେ କୃଷି ସମ୍ପ୍ରସାରଣ ଅଫିସର ଏବଂ ପାଞ୍ଚ ଜଣ ଗ୍ରାମ ସେବକ ରହିଛନ୍ତି । ପ୍ରାକ୍-ସମ୍ପ୍ରସାରଣ କାଳରେ କେବଳ କୃଷି ସମ୍ପର୍କରେ କାର୍ଯ୍ୟକ୍ରମମାନ ହାତକୁ ନିଆଯିବ । ଏଥି ଭିତରୁ ଓଡ଼ିଶା ପାଇଁ ୧୨ଟି ପ୍ରାକ୍-ସମ୍ପ୍ରସାରଣ ବ୍ଲକ୍ ମଞ୍ଜୁର ହୋଇଛି ।

ଏହା ଛଡ଼ା ଚଳିତ ମାସରୁ ୧୩୭ଟି ପ୍ରାକ୍-ସମ୍ପ୍ରସାରଣ ବ୍ଲକ୍‌କୁ ପ୍ରଥମ ପର୍ଯ୍ୟାୟଭୁକ୍ତ ବ୍ଲକ୍‌ରେ ରୂପାନ୍ତରିତ କରିବା ଲାଗି ମନ୍ତ୍ରାଳୟ ସ୍ଥିର କରିଛନ୍ତି । ସେଥି ମଧ୍ୟରୁ ଓଡ଼ିଶାରେ ୯ଟି ବ୍ଲକ୍ ହାତକୁ ନିଆଯିବ ।

---

## ଓଡ଼ିଶାରେ ଧନଗ୍ଧ ଚାଷର ପ୍ରସାର

ବର୍ତ୍ତମାନ ଏକ ଏକର ଜମିରୁ ପ୍ରାୟ ୧୦ ମହଣ ଧାନ ଅମଳ ହେଉଛି । କଟକସ୍ଥ କେନ୍ଦ୍ର ଧାନ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଚାଲିଥିବା ବ୍ୟାପକ ପରୀକ୍ଷାରୁ ଜଣାଯାଇଛି ଯେ ସବୁଜସାର ପ୍ରୟୋଗ କରାଗଲେ ଏକରେ ଜମିରୁ ଅଧିକା ୭୩୮ ପାଉଣ୍ଡ ଧାନ ଅମଳ ହେବ । ଶହେ ପାଉଣ୍ଡ ଆମୋନିୟମ ସଲଫେଟ୍ ପ୍ରୟୋଗର ଫଳ ସଙ୍ଗେ ଏହା ସମାନ ।

ଓଡ଼ିଶାରେ ଧାନ ବୁଣାଗଲା । ତା' ସାଙ୍ଗରେ ପ୍ରତି ଏକରେ ଜମିରେ ୧୫ ପାଉଣ୍ଡ ହିସାବରେ ଧନଗ୍ଧ ନାମକ ଏକ ପ୍ରକାର ସବୁଜସାର ମଞ୍ଜି ବୁଣି ଦିଆଗଲା ।

ମାସକ ପରେ ବେଉଷଣ କଲେ ଧନଗ୍ଧ ଗଛ ଗୁଡ଼ିକୁ ଉପାଡ଼ି ମାଟି ସଙ୍ଗେ ମିଶାଇ ଦିଆଯାଏ । ଏହି ପରୀକ୍ଷାରୁ ଜଣାଯାଇଛି ଯେ ଏକ ଆଉନସ୍ ଧନଗ୍ଧ ମଞ୍ଜିରୁ ଦୁଇ ହଜାରରୁ ଅଧିକ ଗଛ ଜନ୍ମିବ । ଧାନ ବୁଣିଲା ବେଳେ ବିହନ ସାଙ୍ଗରେ ଏକ ଆଉନସ୍ ଧନଗ୍ଧ ମିଶାଇ ଦେଲେ ଗଛ ମନକୁ ଉଠିବ । ସବୁ ଗଛ ସବୁଜସାର ରୂପେ ବ୍ୟବହାର ନ କରି ପ୍ରତି ଏକରେ ଜମିରେ ଶହେ ଗଛ ଯଦି ଛାଡ଼ି ଦିଆଯାଏ, ତେବେ ପ୍ରତି ଏକରରୁ ୪୦ ପାଉଣ୍ଡରୁ ଅଧିକ ଧନଗ୍ଧ ଅମଳ ହେବ ଏବଂ ପର ବର୍ଷକୁ ଏକରେ ଜମିରେ ୧୫ ପାଉଣ୍ଡ ହିସାବରେ ସବୁଜସାର ମଞ୍ଜି ପ୍ରୟୋଗ କରାଯାଇ ପାରିବ । ଧାନଚାଷ ପାଇଁ ଯାହା ପରିଶ୍ରମ କରିବାକୁ ପଡ଼େ, ଧନଗ୍ଧ ଚାଷ ପାଇଁ ତାହା ଅପେକ୍ଷା ଆଉ ଅଧିକ କିଛି ପରିଶ୍ରମ କରିବାକୁ ପଡ଼ିବ ନାହିଁ ।

୧୯୫୭ ମସିହାରେ ଓଡ଼ିଶାରେ ଖୁବ୍ ଅଳ୍ପ ପରିମାଣର ସବୁଜସାର ମଞ୍ଜି ମହଜୁଦ୍ ଥିଲା । ସେହି ଦିନଠାରୁ ମଞ୍ଜି ପରିମାଣ ବଢ଼ାଇବା କାମ ସନ୍ତୋଷଜନକ ଭାବରେ ଆଗେଇ ଚାଲିଛି । କୃଷି-ବିଭାଗ ୧୯୫୭ ମସିହାରେ ଆନ୍ଧ୍ରରୁ ୨,୬୯୭ ମହଣ ଧନଗ୍ଧ ଅମଳ କରିଥିଲେ । ବହୁଳ ପ୍ରଚେଷ୍ଟା ଏବଂ ପଡ଼ିଆ ଜମିକୁ ମଞ୍ଜି ଉତ୍ପାଦନ ଲାଗି ବ୍ୟବହାର କରି ଚଳିତ ବର୍ଷ କୃଷି-ବିଭାଗ ୧୨,୦୦୦ ମହଣ ମଞ୍ଜି ଅମଳ କରିଛନ୍ତି । ଏହା ୫୦,୦୦୦ ଏକର ଧାନଜମିରେ ସବୁଜସାର ଉତ୍ପାଦନ ଲାଗି ସାହାଯ୍ୟ କରିବ ଏବଂ ଚାଷୀମାନେ ଦୁଇ ଲକ୍ଷ ମହଣ ମଞ୍ଜି ହାତରେ ପାଇବେ । ଫଳରେ ଦଶ ଲକ୍ଷ ଏକର ଜମିରେ ସବୁଜସାର ଚାଷ କରାଯାଇ ପାରିବ ।

---

## ଓଡ଼ିଶାରେ ସ୍ୱତନ୍ତ୍ର ବହୁମୁଖୀ ଆଦିବାସୀ ବ୍ଲକ

ଆଦିବାସୀ ଅଧ୍ୟୁଷିତ ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ବହୁଳ ଉନ୍ନୟନ ପାଇଁ ସ୍ୱତନ୍ତ୍ର ବହୁମୁଖୀ ଆଦିବାସୀ ବ୍ଲକମାନ ଖୋଲାଯାଇଛି । ଗତ ୧୯୫୬ ମସିହା ଏପ୍ରିଲ ମାସରେ ଓଡ଼ିଶାର କେନ୍ଦୁଝର ଓ କଳାହାଣ୍ଡି ଜିଲ୍ଲାରେ ପ୍ରଥମେ ଏଭଳି ଦୁଇଟି ବ୍ଲକ ଖୋଲାଯାଇଥିଲା ।

ଆଦିବାସୀ ଲୋକଙ୍କ ଅର୍ଥ-ନୈତିକ ଓ ସାମାଜିକ ଜୀବନର ଆଶୁ ବିକାଶ ସାଧନ ଏହି ଯୋଜନାର ଲକ୍ଷ୍ୟ । ଇତିମଧ୍ୟରେ ଏହି ଯୋଜନା କେନ୍ଦୁଝର

ଅଗ୍ରଗତି କରିଛି, ତାହା ପର୍ଯ୍ୟବେକ୍ଷଣ କରିବା ପାଇଁ ଭାରତ ସରକାର ଗୋଟିଏ ପାଞ୍ଚଜଣିଆ କମିଟି ନିଯୁକ୍ତ କରିଛନ୍ତି । ଉତ୍ତର-ପୂର୍ବ ସୀମାନ୍ତ ଅଞ୍ଚଳର ଆଦିବାସୀ ଉପଦେଷ୍ଟା ଡକ୍ଟର ଭେରିଅର ଏଲୱିନ୍ ଏହି କମିଟିର ଚେୟାରମ୍ୟାନ୍ ନିଯୁକ୍ତ ହୋଇଛନ୍ତି ।

ଆସନ୍ତା ଅଗଷ୍ଟ ମାସ ୩୧ ତାରିଖ ସୁଦ୍ଧା ଏହି କମିଟି ସରକାରଙ୍କ ନିକଟରେ ନିଜର ପ୍ରଥମ ରିପୋର୍ଟ ଦାଖଲ କରିବେ । ବ୍ଳକ୍‌ଗୁଡ଼ିକରେ ବହୁଳ ଉନ୍ନୟନ କାର୍ଯ୍ୟକ୍ରମକୁ କିପରି ଅଧିକ ଦକ୍ଷତାର ସହିତ କାର୍ଯ୍ୟକାରୀ କରାଯିବ, ସେ ସମ୍ପର୍କରେ ଉକ୍ତ କମିଟି ସରକାରଙ୍କୁ ପରାମର୍ଶ ଦେବେ ।

---

## ଓଡ଼ିଶାର ଗାଁଗହଳ ପାଇଁ ରେଡ଼ିଓ

ଗତ କେତେ ଦିନ ତଳେ ଲୋକସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ବାର୍ତ୍ତା ଓ ବେତାର ମନ୍ତ୍ରୀ ଡଃ ବି.ଭି. କେଶକାର ଜଣାଇଲେ ଯେ ୧୯୫୪-୫୫ରୁ ୧୯୫୮-୫୯ ମଧ୍ୟରେ ସମଗ୍ର ଦେଶରେ ମୋଟ ୪୭,୫୮୯ଟି ସାର୍ବଜନୀନ ରେଡ଼ିଓ ସେଟ୍ ବଣ୍ଟନ କରା-ଯାଇଛି । ସେଥିମଧ୍ୟରୁ କେବଳ ଓଡ଼ିଶାରେ ୪,୮୦୦ ରେଡ଼ିଓ ସେଟ୍ ବଣ୍ଟନ କରାଯାଇଛି ।

ଏହା ଛଡ଼ା ଆଜମୀରରେ ୨୫୦, ଆନ୍ଧ୍ର ପ୍ରଦେଶରେ ୩,୫୦୦, ଆସାମରେ ୧,୨୫୦, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ୧୨, ବିହାରରେ ୩,୯୦୪, ଭୋପାଳରେ ୬୪୦, ବମ୍ବେରେ ୪,୩୬୯, କୁର୍ଗରେ ୨୦, ହାଇଦରାବାଦରେ ୪୦୦, ହିମାଚଳ ପ୍ରଦେଶରେ ୧,୩୪୧, ଜାମ୍ମୁ ଓ କାଶ୍ମୀରରେ ୧,୨୦୦ କଚ୍ଛରେ ୨୮, ଲକ୍ଷାଦ୍ୱୀପ, ମିନିକୟ ଓ ଆମିନଦିଭି ଦ୍ୱୀପପୁଞ୍ଜରେ ୭, ମାନ୍ଦ୍ରାଜରେ ୧୦୧୫; ମଧ୍ୟ-ଭାରତରେ ୩୨୩, ମଧ୍ୟ-ପ୍ରଦେଶରେ ୧,୯୬୦, ମଣିପୁରରେ ୧୧୬; ମହୀଶୂରରେ ୭୦୦, ପଞ୍ଜାବରେ ୫,୬୦୦, ପେପସୁରେ ୩୧୦, ପଣ୍ଡିଚେରୀରେ ୧୧୫, ରାଜସ୍ଥାନରେ ୩,୩୦୦, ସୌରାଷ୍ଟ୍ରରେ ୫୬୭, ତ୍ରିବାଙ୍କୁଡ଼-କୋଚିନ (କେରଳ)ରେ ୭୬୩, ତ୍ରିପୁରାରେ ୩୫୦, ଉତ୍ତର-ପ୍ରଦେଶରେ ୯,୯୫୦, ବିନ୍ଧ୍ୟ ପ୍ରଦେଶରେ ୩୭୦, ଉତ୍ତର-ପୂର୍ବ ସୀମାନ୍ତ ଅଞ୍ଚଳରେ ୨୫୦ ଏବଂ ନାଗା ପାହାଡ଼ ଟ୍ୟୁଏନ୍‌ସାଙ୍ଗ ଅଞ୍ଚଳରେ ୧୦୦ଟି ସାର୍ବଜନୀନ ରେଡ଼ିଓ ସେଟ୍ ବଣ୍ଟନ କରାଯାଇଛି ।

---

## ଶିକ୍ଷକମାନଙ୍କ ପାଇଁ ଶିକ୍ଷା ସଂପର୍କୀୟ ଭ୍ରମଣବ୍ୟବସ୍ଥା

ଶିକ୍ଷକମାନଙ୍କ ପାଇଁ ଶିକ୍ଷା ସମ୍ପର୍କୀୟ ଭ୍ରମଣ ବ୍ୟବସ୍ଥା ୧୯୫୯-୬୦ରେ ମଧ୍ୟ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ସ୍ଥିର କରିଛନ୍ତି । ତେଣୁ ରାଜ୍ୟ ସରକାର ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କୁ ଏ ପ୍ରକାର ଭ୍ରମଣ ପାଇଁ ସେମାନଙ୍କର ପ୍ରସ୍ତାବ ଯଥା ଶୀଘ୍ର ସମ୍ଭବ ପଠାଇବା ପାଇଁ କୁହାଯାଇଛି ।

ଶିକ୍ଷକମାନଙ୍କୁ ଶିକ୍ଷାଗତ, ସାଂସ୍କୃତିକ, ଐତିହାସିକ ଓ ଭୌଗୋଳିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନ ପରିଦର୍ଶନ କରିବା ନିମନ୍ତେ ଉତ୍ସାହିତ କରିବା ପାଇଁ ଏହି ଯୋଜନା ଅନୁଯାୟୀ ଶିକ୍ଷା ମନ୍ତ୍ରାଳୟ ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କୁ ସାହାଯ୍ୟ ଦିଅନ୍ତି । ଏହି ଯୋଜନା ଗତବର୍ଷ ପ୍ରଥମେ କାର୍ଯ୍ୟକାରୀ ହୋଇଥିଲା । ଭ୍ରମଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଶିକ୍ଷା-ମନ୍ତ୍ରାଳୟ ତରଫରୁ ଯୁବ-କଲ୍ୟାଣ କାର୍ଯ୍ୟକ୍ରମ ଅନୁଯାୟୀ ଅନ୍ୟ ଏକ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି । ଏହି ଯୋଜନାଟି ୧୫ରୁ ୨୫ ବର୍ଷ ବୟସ୍କ ଯୁବ ଏବଂ ସେମାନଙ୍କର ଦାୟିତ୍ୱ ଗ୍ରହଣ କରିଥିବା ନିର୍ଦ୍ଦିଷ୍ଟ ସଂଖ୍ୟକ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ । ତେଣୁ ଶିକ୍ଷକମାନଙ୍କ ପାଇଁ ଶିକ୍ଷା ସଂପର୍କୀୟ ଭ୍ରମଣ ବ୍ୟବସ୍ଥା ଏହି ଯୋଜନାଠାରୁ ସମ୍ପୂର୍ଣ୍ଣ ପୃଥକ୍ ।

ଶିକ୍ଷକମାନଙ୍କ ପାଇଁ ଶିକ୍ଷା ସମ୍ପର୍କୀୟ ଭ୍ରମଣ ବ୍ୟବସ୍ଥା ପ୍ରଧାନତଃ ସ୍ୱୀକୃତିପ୍ରାପ୍ତ ପ୍ରାଥମିକ ସ୍କୁଲ,

ପ୍ରାଥମିକ ସ୍କୁଲ ଶିକ୍ଷକ ତାଲିମ ପ୍ରତିଷ୍ଠାନ ଓ ମୌଳିକ ସ୍କୁଲ ଶିକ୍ଷକ ତାଲିମ ପ୍ରତିଷ୍ଠାନର ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ । ତେବେ ଶିକ୍ଷକ ଦଳକୁ ଅଗ୍ରାଧିକାର ଦିଆଯିବ । ଦଳେ ଶିକ୍ଷକଙ୍କ ସହିତ ତାଲିମ ପାଉଥିବା କେତେକ ଶିକ୍ଷକ ଯୋଗଦେଲେ, ତାହା ଆପତ୍ତିଜନକ ହେବ ନାହିଁ । ଶିକ୍ଷକଦଳ ସହିତ ଯାଉଥିବା ସହାଯ୍ୟକାରୀମାନେ ଏହି ବ୍ୟବସ୍ଥାର ସୁବିଧା ପାଇ ପାରିବେ ନାହିଁ ।

ଏହି ଯୋଜନା ଅନୁଯାୟୀ ଯିବା ଆସିବା ଦ୍ଵିତୀୟ ଶ୍ରେଣୀ ରେଳଭଡ଼ାର ଅଧା ଭାରତ ସରକାର ବହନ କରିବେ । ଭଡ଼ାର ଅବଶିଷ୍ଟ ରେଳବାଲାଙ୍କୁ ରିଆତି ଆକାରରେ ମିଳିବ । ରେଳ ଯାତାୟାତ ସୁବିଧା ନ ଥିବା ସ୍ଥଳେ ସରକାର ପ୍ରକୃତ ବାସ୍‌ଭଡ଼ା ବହନ କରିବେ । ଭ୍ରମଣ ସମୟ ପ୍ରାୟ ଦୁଇ ସପ୍ତାହ ହେବ । ସ୍ଵତନ୍ତ୍ର କ୍ଷେତ୍ରରେ ଏହା କମ ବେଶୀ ହୋଇ ପାରେ ।

## କେତୋଟି ଜାଣିବା କଥା

ପେଟ୍ରୋଲିୟମ ଦ୍ରବ୍ୟ ଯେଉଁ ଦରରେ ଭାରତରେ ପହଞ୍ଚେ, ବିକ୍ରି ହେଲାବେଳକୁ ତାହା ଅନେକ ବଢ଼ିଯାଇଥାଏ । ଏକ ଟନ୍ କିରୋସିନ ତେଲ ପହଞ୍ଚିବା ଓ ବିକ୍ରି ହେବା ଦର ମଧ୍ୟରେ ପ୍ରାୟ ୧୫୦ ଟଙ୍କାର ତାରତମ୍ୟ ଦେଖାଯାଏ । ବିକ୍ରି ଦର ମଧ୍ୟରେ ଆମଦାନୀ ଶୁଳ୍କ ବଣ୍ଟନ ଖର୍ଚ୍ଚ ଲାଭ ଅନ୍ତର୍ଭୁକ୍ତ; କିନ୍ତୁ ବିକ୍ରୟ ଟିକସ ନୁହେଁ ।

ପେଟ୍ରୋଲିୟମ ଦ୍ରବ୍ୟର ଦରଦାମ ଏପରିଭାବେ ବୃଦ୍ଧି ପାଉଥିବା ଯୋଗୁଁ କିଛି ଦିନତଳେ ସରକାର ଏ ବିଷୟରେ ସଂପୃକ୍ତ କମ୍ପାନୀମାନଙ୍କ ସହ ଆଲୋଚନା କରିଥିଲେ । ପେଟ୍ରୋଲିୟମ ଦ୍ରବ୍ୟର ଦରଦାମ ଯେପରି ହ୍ରାସ ପାଏ, ସେ ଦୃଷ୍ଟିରୁ ଆଲୋଚନା ଚାଲିଥିଲା ।

# ସମସ୍ତଙ୍କ ଜାଣିବାପାଇଁ

## ନଡ଼ିଆରେ କଳାମୁଣ୍ଡିଆ ପୋକ

ଚଳନ୍ତି ବର୍ଷ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶେଷତଃ, ପିପିଲି, ସାକ୍ଷୀଗୋପାଳ, ଚନ୍ଦନପୁର ଓ ସଦର ଅଞ୍ଚଳରେ ନଡ଼ିଆ ଗଛରେ କଳାମୁଣ୍ଡିଆ ଶୁଁବାଳୁଆ ପୋକ ଲାଗି ନଡ଼ିଆର ବହୁତ କ୍ଷତି କରୁଛନ୍ତି । ଏହି କୀଟ ନଡ଼ିଆ ଗଛର ପତ୍ରକୁ ଖାଉଛନ୍ତି । ଉପର ଲିଖିତ ଅଞ୍ଚଳରେ ଅନେକ ନଡ଼ିଆ ଗଛ ଏହି ପୋକଦ୍ୱାରା ଭୀଷଣ ଭାବରେ ଆକ୍ରାନ୍ତ ହୋଇ ଦୂରରୁ ଡାହା ପୋଡ଼ା ଗଛ ପରି ଦେଖା ଯାଉଅଛି । ପତ୍ରଗୁଡ଼ିକ ଶୁଖିଯାଇ ବାହୁଙ୍ଗାଗୁଡ଼ିକ ନଷ୍ଟ ହୋଇଯିବା ଫଳରେ ଏହି ପୋକଦ୍ୱାରା ଆକ୍ରାନ୍ତ ହୋଇଥିବା ଗଛରୁ ନଡ଼ିଆ ଆମଦାନୀ ବହୁତ ପରିମାଣରେ କମିଯିବ ।

ଏହି ପୋକକୁ ଅତି ସହଜରେ ଓ ଖୁବ୍ କମ ଖର୍ଚ୍ଚ ରେ ଆୟତ୍ତ କରାଯାଇ ପାରିବ । ଆକ୍ରାନ୍ତ ହୋଇଥିବା ଗଛରେ ତିନି ଛଟାଙ୍କି ଡ଼ି. ଡ଼ି. ଟି ୫୦% (ଓ୍ୱେଟେବଲ ଗୁଣ୍ଡ) ଅଡ଼େଇଟିଣ (କେରୋସିନ-ଟିଣ) ପାଣିରେ ଗୋଳାଇ ଦୁଇ ମାସରେ ଥରେ ଛିଞ୍ଚିଲେ ଏହି କୀଟକୁ ଆୟତ୍ତ କରି ହେବ । ଆକ୍ରାନ୍ତ ନଡ଼ିଆ ବଗିଚାର ଆଖପାଖ ଅଞ୍ଚଳରେ ଆକ୍ରାନ୍ତ ନ ହୋଇଥିବା ବଗିଚାରେ କୀଟ ନିରୋଧକ ହିସାବରେ ଦେଢ଼ ଛଟାଙ୍କି ଡ଼ି. ଡ଼ି. ଟି (୫୦% ଓ୍ୱେଟେବଲ୍ ଗୁଣ୍ଡ) ଅଡ଼େଇଟିଣ (କେରୋସିନ ଟିଣ) ପାଣିରେ ଗୋଳାଇ ଛିଞ୍ଚା ଯାଇପାରେ ।

ନଡ଼ିଆ ଚାଷୀମାନେ ଶୀଘ୍ର ଉପର ଲିଖିତ ଉପାୟ ଅବଲମ୍ବନ କରି ନିଜ ନିଜର ନଡ଼ିଆ ବଗିଚାକୁ ଏହି ମାରାତ୍ମକ ପୋକ ହାତରୁ ରକ୍ଷା କରନ୍ତୁ । ଡ଼ି. ଡ଼ି. ଟି ଗୁଣ୍ଡ ଛିଞ୍ଚିବା ପାଇଁ କଳଯନ୍ତ୍ର ବର୍ତ୍ତମାନ ସାକ୍ଷୀଗୋପାଳ ଓ ପିପିଲି ବ୍ଲକରେ ଓ, ପୁରୀ ଜିଲ୍ଲା କୃଷି ବିଭାଗ ଅଫିସରେ ରଖାଯାଇଛି । ଗଛ ପ୍ରତି କଳଯନ୍ତ୍ରରେ ଔଷଧ ପକାଇବାକୁ ହାରାହାରି ୫୩୯ ଖର୍ଚ୍ଚ ହେବ । ଚାଷୀମାନେ ଅତି ଶୀଘ୍ର ଆକ୍ରାନ୍ତ ଗଛରେ ଔଷଧ ପକାଇ ନଡ଼ିଆ ବଗିଚାକୁ ରକ୍ଷା କରନ୍ତୁ ।

---

## ଗଞ୍ଜାମ ଜିଲ୍ଲାର ଅଫିମୀମାନଙ୍କୁ ଔଷଧ ହିସାବରେ ଅଫିମ ଯୋଗାଇବା ବ୍ୟବସ୍ଥା

ଗଞ୍ଜାମ ଜିଲ୍ଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଜଣାଇଛନ୍ତି ଯେ ଚଳିତ ମାସ ପହିଲା ତାରିଖଠାରୁ ସର୍ବସାଧାରଣ କିଣିବାପାଇଁ ଆଉ ଅଫିମ ମିଳୁନାହିଁ । ଔଷଧ ହିସାବରେ ଯେଉଁମାନେ ଅଫିମ ବ୍ୟବହାର କରୁଛନ୍ତି କେବଳ ସେହିମାନଙ୍କୁ ନିଜ ନିଜ ଅଞ୍ଚଳର ଅବକାରୀ ସବଇନ୍ସପେକ୍ଟରଙ୍କଠାରୁ ଅଫିମ କିଣିବାକୁ ମିଳିପାରିବ । ଏଣୁ ରେଜେଷ୍ଟ୍ରୀଭୁକ୍ତ ଅଫିମୀମାନେ ସେମାନଙ୍କର ୧୯୫୮-୫୯ର ଅଫିମ କାର୍ଡ଼ସହ ନିଜ ନିଜ ଅଞ୍ଚଳର ଅବକାରୀ ସବଇନ୍ସପେକ୍ଟରଙ୍କ ସହିତ ତା ୭-୪-୫୯ରିଖ ମଧ୍ୟରେ ଡାକ୍ତର ମାଇନା ପାଇଁ ସାକ୍ଷାତ କରନ୍ତୁ । ପରୀକ୍ଷା ପରେ ମାସକୁ ଯେଉଁ ହାରରେ ଅଫିମ ଦେବାକୁ ଡାକ୍ତର ସୁପାରିଶ କରିବେ, କେବଳ ସେହି ଅନୁପାତରେ ସବଇନ୍ସପେକ୍ଟର ଅଫିମ ବିକ୍ରି କରିବେ ।

---

## ମେଟ୍ରିକ ଓଜନ ଓ ମାପ ପ୍ରସ୍ତୁତକାରୀ, ବିକ୍ରେତା ଓ ମରାମତି କରୁଥିବା ବ୍ୟକ୍ତିମାନଙ୍କ ପାଇଁ ଲାଇସେନ୍ସ

ଓଡ଼ିଶାର କଣ୍ଟ୍ରୋଲର ଅଫ୍ ଓଏଟ୍ସ୍ ଆଣ୍ଡ ମେଜର୍ସ ଜଣାଇଛନ୍ତି:—

ପୂର୍ବରୁ ପ୍ରକାଶିତ ହୋଇଥିବା ଗୋଟିଏ ପ୍ରେସ୍‌ନୋଟ ଜରିଆରେ ଜନସାଧାରଣଙ୍କୁ ଜଣାଇ ଦିଆଯାଇଥିଲା ଯେ ୧୯୫୮ ମସିହା ଓଡ଼ିଶା ମାପ ଓ ଓଜନ (ପ୍ରବର୍ତ୍ତନ) ଆଇନର ୧୩ ଧାରା ଅନୁଯାୟୀ, ମେଟ୍ରିକ ଓଜନ ଏବଂ ମାପ ଏବଂ ମେଟ୍ରିକ ଓଜନ ଓ ମାପ ଯନ୍ତ୍ରପାତି ପ୍ରସ୍ତୁତକାରୀ, ବିକ୍ରେତା ଏବଂ ମରାମତି କରୁଥିବା ବ୍ୟକ୍ତିମାନଙ୍କୁ, ଓଡ଼ିଶାର ଚିଫ୍ କଣ୍ଟ୍ରୋଲର ଅଫ୍ ଓଏଟ୍ସ୍ ଏଣ୍ଡ ମେଜର୍ସଙ୍କ ନିକଟରୁ ଏଥିପାଇଁ ଲାଇସେନ୍ସ ନେବା ଆବଶ୍ୟକ ପଡ଼ିବ । ସେଥିରେ ମଧ୍ୟ ସ୍ପଷ୍ଟଭାବରେ ଉଲ୍ଲେଖ କରାଯାଇଥିଲା ଯେ ମେଟ୍ରିକ ଓଜନ ଏବଂ ମାପ ଏବଂ ମେଟ୍ରିକ ଓଜନ ଓ ମାପ ଯନ୍ତ୍ରପାତିରେ ଲାଇସେନ୍ସ ପାଇବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଓଡ଼ିଶାର କଣ୍ଟ୍ରୋଲର ଅଫ୍ ଓଏଟ୍ସ୍ ଆଣ୍ଡ ମେଜର୍ସ ନିକଟକୁ ନିର୍ଦ୍ଧାରିତ ଫାରମରେ ଏହି ଲାଇସେନ୍ସ ପାଇବା ନିମିତ୍ତ ଆବେଦନ କରିବାକୁ ପଡ଼ିବ । ଲାଇସେନ୍ସ ପାଇନଥିବା କେତେକ ବିକ୍ରେତା ସେହିପରି ରାଜ୍ୟ ବାହାରୁ ଲାଇସେନ୍ସ ପାଇନଥିବା କେତେକ ପ୍ରସ୍ତୁତକାରୀଙ୍କ ନିକଟରୁ ବିକ୍ରି କରିବା ପାଇଁ ମେଟ୍ରିକ ଓଜନ ଏବଂ ମାପ ସବୁ ଆଣିଥିବାର ସଂବାଦ ତାଙ୍କ ଦୃଷ୍ଟି ଗୋଚରକୁ ଆସିଅଛି । ଲାଇସେନ୍ସ ନକରି ମେଟ୍ରିକ ମାପ ଓ ଓଜନ, ମାପ ଓ ଓଜନ ଯନ୍ତ୍ରପାତି ପ୍ରସ୍ତୁତ କରିବା, ବିକ୍ରି କରିବା କିମ୍ବା ମରାମତି କରିବା ୧୯୫୮ ମସିହା ଓଡ଼ିଶା ମାପ ଓ ଓଜନ (ପ୍ରବର୍ତ୍ତନ) ଆଇନର ୨୮ ଧାରା ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ । ଆହୁରି ମଧ୍ୟ ଛାପା ମରା ଯାଇନଥିବା ମାପ ଓ ଓଜନ, ମାପ ଓ ଓଜନ ଯନ୍ତ୍ରପାତିର ବିକ୍ରି କିମ୍ବା ବ୍ୟବହାର କରିବା ଏହି ଆଇନର ଯଥାକ୍ରମେ ୨୨ ଏବଂ ୨୭ ଧାରା ଅନୁଯାୟୀ ଏକ ଅପରାଧ । ଏତଦ୍‌ବ୍ୟତୀତ ମେଟ୍ରିକ ମାପ ଓ ଓଜନ, ମାପ ଓ ଓଜନ ଯନ୍ତ୍ରପାତି ପାଇଁ ଇଚ୍ଛୁକଥିବା ପ୍ରସ୍ତୁତକାରୀ, ମରାମତକାରୀ କିମ୍ବା ବିକ୍ରେତାମାନେ ନିର୍ଦ୍ଦିଷ୍ଟ ଫାରମରେ ଲାଇସେନ୍ସ ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଉଅଛି । ଲାଇସେନ୍ସ ପାଇନଥିବା ବିକ୍ରେତାମାନଙ୍କଠାରୁ କୌଣସି ମାପ ଓ ଓଜନ ନ କିଣିବା କିମ୍ବା ଏହି କାର୍ଯ୍ୟ ପାଇଁ ନିଯୁକ୍ତଥିବା ମାପ ଓ ଓଜନ ପରିଦର୍ଶକଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ଉପାୟରେ ପରୀକ୍ଷିତ ହୋଇନଥିବା ମେଟ୍ରିକ ଓଜନ ଓ ମାପ ବ୍ୟବହାର ନ କରିବାକୁ ଜନସାଧାରଣଙ୍କୁ ଉପଦେଶ ଦିଆଯାଉଛି । ମେଟ୍ରିକ ଓଜନ ବିଷୟରେ କାରବାର କରିବାପାଇଁ ଲାଇସେନ୍ସ ପାଇଥିବା ଫାର୍ମ ଏବଂ ଅନୁଷ୍ଠାନମାନଙ୍କର ଗୋଟିଏ ତାଲିକା ନିମ୍ନରେ ଦିଆଗଲା ।

୧ । ଓଡ଼ିଶା ଷ୍ଟେଟ କୋଅପରେଟିଭ୍ ସୋସାଇଟି, ବକ୍ସିବଜାର, କଟକ-୧

୨ । ଶ୍ରୀ ଭଗବାନ ରାମ ରାମ ରାଜାରାମ, କଲେଜ ସ୍କୋୟାର କଟକ-୩

୩ । ଶ୍ରୀ ଭୁରାମଲ ଚେଙ୍ଗଟା, ଖେତରାଜପୁର, ପୋ: ଅ: ଓ ଜିଲ୍ଲା ସମ୍ବଲପୁର ।

୪ । ଶ୍ରୀ ଦାନଗରାମ ଅଗ୍ରୱାଲ୍, ଖେତରାଜପୁର, ପୋ: ଅ: ଓ ଜିଲ୍ଲା ସମ୍ବଲପୁର ।

୫ । ମେସର୍ସ ହାଣ୍ଡୁ ସୁବୁଧି ଏଣ୍ଡ ବ୍ରଦରସ, ବଡ଼ ବଜାର, ବ୍ରହ୍ମପୁର, ଜିଲ୍ଲା-ଗଞ୍ଜାମ ।

---

## ପାରାଦ୍ୱୀପ ବନ୍ଦରରେ ନୌକା ଓ ଲଞ୍ଚ ଚାଳନା ଶିକ୍ଷା

ଓଡ଼ିଶା ସରକାରଙ୍କ ପଲିଟିକାଲ ଆଣ୍ଡ ସର୍ଭିସେସ ଡିପାର୍ଟମେଣ୍ଟ ଏକ ଇସ୍ତାହାରରେ ଜଣାଇଛନ୍ତି:—

ପାରାଦ୍ୱୀପ ବନ୍ଦରରେ ସମୁଦ୍ରଗାମୀ ନୌକା ଓ ଲଞ୍ଚ ଚାଳନା କାର୍ଯ୍ୟରେ ମାସିକ ନିର୍ଦ୍ଦିଷ୍ଟ ଟ ୪୫୯ ହାରମାନରେ ଶିକ୍ଷା ପାଇବାପାଇଁ ଇଚ୍ଛୁକ, କାର୍ଯ୍ୟକ୍ଷମ ସ୍ୱାସ୍ଥ୍ୟ ଯୁବକମାନେ ତା ୧-୫-୫୯ରିଖ କିମ୍ବା ତା' ପୂର୍ବରୁ ଓଡ଼ିଶା ସରକାରଙ୍କ ଅଣ୍ଡର ସେକ୍ରେଟେରୀ, ପଲିଟିକାଲ ଏବଂ ସର୍ଭିସେସ ବିଭାଗ, ପ୍ଲାନିଂ ବ୍ରାଞ୍ଚ, ପୋ: ଅ: ନୂଆ କ୍ୟାପିଟାଲ, ଭୁବନେଶ୍ୱରଙ୍କୁ ଆବେଦନ କରନ୍ତୁ ।

ଯେଉଁ ପ୍ରାର୍ଥୀମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇନଥିବେ କିମ୍ବା ରାଜ୍ୟରେ ବାସ କରୁଥିବା ପ୍ରକୃତ ସ୍ଥାନଚ୍ୟୁତ ବ୍ୟକ୍ତି ବା ଓଡ଼ିଶାରେ ସ୍ଥାୟୀ ଭାବରେ ବାସ କରୁଥିବା ଅନ୍ୟ ରାଜ୍ୟର ବ୍ୟକ୍ତି ହୋଇନଥିବେ ସେମାନେ ଏ ଚାକିରୀ ପାଇଁ ଆବେଦନ କରିବା ଅନାବଶ୍ୟକ ।

---

## ଭୋଗରା ଜମିରେ ଦଖଲ ସ୍ୱତ୍ୱ ଦିଆଯିବ

ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ତା ୯-୫-୫୯ ରିଖରେ ପ୍ରକାଶିତ ଏକ ପ୍ରେସନୋଟରେ ଜଣାଇଛନ୍ତି :

ସରକାର ସ୍ଥିର କରିଛନ୍ତି ଯେ, ପୂର୍ବତନ ଗଡ଼ଜାତ ଅଞ୍ଚଳରେ ପ୍ରଚଳିତ ସର୍ବରାକାର ପଦ୍ଧତି ଏବଂ ବଉଦ ସବ୍‌ଡିଭିଜନ ଅନ୍ତର୍ଗତ ପୂର୍ବତନ ଖାଣ୍ଡା ଜମିଦାରୀରେ ଚଳୁଥିବା ସିକମି ଗୌନ୍ତିଆ ଓ ଠିକାଦାର ସମେତ ଗୌନ୍ତିଆ ପ୍ରଥାକୁ ୧୯୫୯ ମେ ୧୧ ତାରିଖଠାରୁ ଉଠାଇ ଦିଆଯିବ । ସର୍ବରାକାର ଓ ଗୌନ୍ତିଆ କାର୍ଯ୍ୟ ସହିତ ସଂପୃକ୍ତ ଭୋଗରା ଜମିରେ ନ୍ୟାଯ୍ୟ ଓ ନିରପେକ୍ଷ ଖଜଣା ଠିକାଯାଇ ୧୯୫୮ ଜୁଲାଇ ପହିଲାରେ ସେଥିରେ ପ୍ରକୃତ ଦଖଲକାର ଥିବା ବ୍ୟକ୍ତିଙ୍କ ସପକ୍ଷରେ ସ୍ଥିତିବାନ ସ୍ୱତ୍ୱସହ ଉକ୍ତ ଜମିର ବନ୍ଦୋବସ୍ତ କରାଯିବ । କିନ୍ତୁ ପ୍ରଥମରୁ ଗ୍ରାମ ସଭାକୁ ଦିଆଯିବା ପାଇଁ ଭୋଗରା ଜମିର କେତେକାଂଶ ନିମ୍ନଲିଖିତ ଭାବରେ ସୁରକ୍ଷିତ ରଖାଯିବ ।

| ପ୍ରତ୍ୟେକ ବ୍ୟକ୍ତିଙ୍କ ଦଖଲରେ ଥିବା ଜମି | କେତେ ଜମି ସୁରକ୍ଷିତ ରଖାଯିବ |
|---|---|
| ୧୦ ଏକରରୁ କମ ... | କିଛି ନାହିଁ । |
| ୧୦ ଏକର ବା ୧୦ ଏକରରୁ ବେଶି କିନ୍ତୁ ୩୩ ଏକରରୁ କମ ... | ଶତକଡ଼ା ୫ ଭାଗ |
| ୩୩ ଏକର ବା ୩୩ ଏକରରୁ ବେଶି କିନ୍ତୁ ୧୦୦ ଏକରରୁ କମ ... | ... ଶତକଡ଼ା ୧୦ ଭାଗ |
| ୧୦୦ ଏକର ବା ୧୦୦ ଏକରରୁ ବେଶି କିନ୍ତୁ ୨୦୦ ଏକରରୁ କମ ... | ... ଶତକଡ଼ା ୨୦ ଭାଗ |
| ୨୦୦ ଏକର ବା ତଦୂର୍ଦ୍ଧ୍ୱ | ... ଶତକଡ଼ା ୩୦ ଭାଗ |

ସର୍ବରାକାର, ଗୌନ୍ତିଆ କିମ୍ବା ସେମାନଙ୍କ ଅଂଶୀଦାରମାନଙ୍କର ଯେଉଁ ଜମି ସେମାନଙ୍କ ଦଖଲରେ ଅଛି, ଯେଉଁ ଗୁଡ଼ିକ ଭୋଗରା ଜମିର ଅଂଶରୂପେ ଗଣା ହେଉ ନାହିଁ ଏବଂ ଯାହା ସମ୍ପର୍କରେ ଦଖଲ ସ୍ୱତ୍ୱ କାର୍ଯ୍ୟକାରୀ କରାଯାଇ ନାହିଁ; ସେ ଗୁଡ଼ିକୁ ଖୁଦକାସ୍ତ, ଗୌନ୍ତିଆ ରଇତ ବା ଅନ୍ୟ ଯେ କୌଣସି ନାମ ଦିଆଯାଇ ଥାଉ ନା କାହିଁକି, ସବୁ ଦଖଲ ସ୍ୱତ୍ୱ ଭାବେ ସେମାନେ ଦଖଲକାରଙ୍କ ନାମରେ ସ୍ଥିର ବନ୍ଦୋବସ୍ତ ହେବା ପାଇଁ ସୁହାନ୍ତି ତାହା ହେଲେ ସେପରି ସ୍ଥଳେ ଏଭଳି ବ୍ୟକ୍ତିଙ୍କ ପକ୍ଷରେ ବନ୍ଦୋବସ୍ତ କରାଯିବ । ଏଭଳି ଜମିରୁ ଗ୍ରାମସଭା ପାଇଁ କୌଣସି ଅଂଶ ଅଲଗା ସୁରକ୍ଷିତ ରଖାଯିବ ନାହିଁ ।

ଗତ ବନ୍ଦୋବସ୍ତରେ ଯେଉଁ ଖଜଣା ଧାର୍ଯ୍ୟ କରାଯାଇଥିଲା ତାହାର ବିରୋଧରେ ପ୍ରମାଣ ଦିଆଯାଇ ନ ପାରିଲେ ତାକୁହିଁ ନ୍ୟାଯ୍ୟ ଓ ନିରପେକ୍ଷ ବୋଲି ଗ୍ରହଣ କରାଯିବ । ଯେଉଁଠାରେ ଗତ ବନ୍ଦୋବସ୍ତରେ ଖଜଣା ଧାର୍ଯ୍ୟ କରାଯାଇ ନାହିଁ କିମ୍ବା ଗତ ବନ୍ଦୋବସ୍ତରେ ଧାର୍ଯ୍ୟ କରାଯାଇଥିବା ଖଜଣା ନିରପେକ୍ଷ ଓ ନ୍ୟାଯ୍ୟ ନୁହେଁ ବୋଲି ପ୍ରମାଣିତ

ହୋଇଛନ୍ତି, ଏହି କ୍ଷେତ୍ରରେ ନ୍ୟାଯ୍ୟ ଓ ନିରପେକ୍ଷ ଖଜଣା ଧାର୍ଯ୍ୟ କରିବା ପାଇଁ ସବଡିଭିଜନାଲ ଅଫିସରଙ୍କୁ କ୍ଷମତା ଦିଆଯାଇଛି । ରାଜସ୍ୱ ବ୍ୟାପାରରେ ଅନ୍ୟାନ୍ୟ ନିଷ୍ପତ୍ତି ପରି ଏହି ନିଷ୍ପତ୍ତି ଉପରେ ମଧ୍ୟ ଅପିଲ୍ କରାଯାଇ ପାରିବ ।

ଗ୍ରାମସଭା ପାଇଁ ସଂରକ୍ଷିତ ଜମି ଛଡ଼ା ଅବଶିଷ୍ଟ ଜୋଗର ଜମି ସମ୍ପର୍କରେ ଦଖଲ ସ୍ୱତ୍ୱ ଦେବା ପାଇଁ କଲେକ୍ଟରଙ୍କୁ କ୍ଷମତା ଅର୍ପଣ କରାଯାଇଛି ।

ଜୋଗର ଜମି ସମ୍ପର୍କରେ ଦଖଲ ସ୍ୱତ୍ୱ ଦେବା ପାଇଁ କୌଣସି ସଲାମୀ ନ ନେବାକୁ ସରକାର ସ୍ଥିର କରିଛନ୍ତି । କିନ୍ତୁ ପଞ୍ଚା ଗୋଷ୍ଠିଙ୍କେ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ସଂପ୍ରଦାୟଙ୍କଠାରୁ ଟ ୧୯ ହିସାବରେ ଏବଂ ଅନ୍ୟମାନଙ୍କଠାରୁ ଟ ୩୯ ହିସାବରେ ଫିସ ଆଦାୟ କରାଯିବ ।

ଜୋଗର ଜମି ଧରିଥିବା ଯେଉଁ ବ୍ୟକ୍ତିମାନେ ଉକ୍ତ ଜମି ଉପରେ ଦଖଲ ସ୍ୱତ୍ୱ ହାସଲ କରିବାର ଏହି ସୁଯୋଗ ନେବାକୁ ଚାହାନ୍ତି ସେମାନେ ଜିଲ୍ଲା କଲେକ୍ଟର କିମ୍ବା ଏଥି ନିମନ୍ତେ ତାଙ୍କଦ୍ୱାରା କ୍ଷମତାପ୍ରାପ୍ତ ଅନ୍ୟ କୌଣସି ରାଜସ୍ୱ ଅଫିସରଙ୍କୁ ଆବେଦନ କରିପାରନ୍ତି ।

## ଓଡ଼ିଶାରେ ଛେନା ଗୁଣ୍ଡଦୁଧ ବିକ୍ରୟ

ଓଡ଼ିଶା ସରକାରଙ୍କ ଯୋଗାଣ ବିଭାଗ ଜଣାଇଛନ୍ତି :

୧୯୫୮ ଡିସେମ୍ବର ମାସରେ ପ୍ରକାଶିତ ଏକ ପ୍ରେସନୋଟର ଆଂଶିକ ସଂଶୋଧନ କରି ସରକାରଙ୍କ ଯୋଗାଣ ବିଭାଗ, ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିର ଓ କଳାହାଣ୍ଡି ଜିଲ୍ଲାକୁ ନେଇ ଗଠିତ ସମ୍ବଲପୁର ଜୋନରେ ବିକ୍ରୀ ହେଉଥିବା ସ୍କିମଡ୍ ଦୁଧଗୁଣ୍ଡର ଖୁଚୁରା ଓ ପାଇକାରୀ ଦର ନିମ୍ନଲିଖିତମତେ ସଂଶୋଧନ କରିଛନ୍ତି ।

| ଜିଲ୍ଲାର ନାମ | ପାଉଣ୍ଡ ପ୍ରତି ଖୁଚୁରା ଦର | ପାଉଣ୍ଡ ପ୍ରତି ପାଇକାରୀ ଦର |
|---|---|---|
| ୧ । କଳାହାଣ୍ଡି | ୮୧ ନୂ: ପ: | ୭୪ ନୂ: ପ: |
| ୨ । ବଲାଙ୍ଗୀର | ୭୭ ନୂ: ପ: | ୭୦ ନୂ: ପ: |
| ୩ । (କ) ସୁନ୍ଦରଗଡ଼ (ସମ୍ବଲପୁର ବାଟେ ଆମଦାନି ମାଲ ପାଇଁ) | ୮୫ ନୂ: ପ: | ୭୮ ନୂ: ପ: |
| (ଖ) ସୁନ୍ଦରଗଡ଼ (କଲିକତାରୁ ସିଧା ଆମଦାନି କରାଯାଉଥିବା ମାଲ ପାଇଁ) | ୭୪ ନୂ: ପ: | ୬୭ ନୂ: ପ: |
| ୪ । ସମ୍ବଲପୁର | ୭୪ ନୂ: ପ: | ୬୭ ନୂ: ପ: |